بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୨

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 04

ବାର୍ଷିକ ଦେୟ : ୬୦୦/-

www.akhbarbadr.in

13 ରଜବ 1445 ହି.କ, 25 ସୁଲହ୍ 1403 ହି.ଶ, 25 -JAN 2024 ମସିହା


### ଅଲ୍ଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡا لَا تَخُوۡنُوا اللّٰهَ وَالرَّسُوۡلَ وَتَخُوۡنُوۡۤا اَمٰنٰتِكُمۡ وَاَنۡتُمۡ تَعۡلَمُوۡنَ

(ଅଲ୍ ଅନ୍‌ଫାଲ୍-28)

ଅନୁବାଦ :ହେ ବିଶ୍ୱସାକାରୀମାନେ ! ତୁମେମାନେ ଅଲ୍ଲାଃତାଲା ଓ ତାହାଙ୍କ ରସୁଲଙ୍କ ପ୍ରତି ବିଶ୍ୱାସଘାତକତା କର ନାହିଁ ଏବଂ ଅମାନତକୁ (ସନ୍ତକ ବା ନ୍ୟାସକୁ) ଜାଣି ଶୁଣି ଆତ୍ମସାତ୍ କର ନାହିଁ ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

## ମର୍କଜେ ଅହେମଦିୟତ୍ କାଦିଆନ୍ ଦାରୁଲ୍ ଅମାନ ଠାରେ 128ତମ ଜଲସା ସାଲାନାର ସଫଳତମ ଏବଂ କଲ୍ୟାଣମୟ ଆୟୋଜନ ।

ସାଂପ୍ରତିକ ଯୁଗ ହେଉଛି ହ. ମସିହ୍ ମଉଦ୍ ଅ.ସଙ୍କ ଅବତୀର୍ଣ୍ଣର ଯୁଗ ଓ ପୁଣ୍ୟଶ୍ଲୋକ ହ. ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଅ.ସ ହିଁ ସେହି ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହଦୀ ଅଟନ୍ତି ଯାହାଙ୍କ ଆଗମନର ଭବିଷ୍ୟତବାଣୀ ପବିତ୍ର କୁରଆନ୍ କରୀମ୍ ଓ ହ. ମୁହମ୍ମଦ ମୁସ୍ତଫା ସ.ଅ ପ୍ରଦାନ କରିଥିଲେ ।

ସମସ୍ତ ରାଷ୍ଟ୍ରମାନଙ୍କରେ ଜଲସାର ଆୟୋଜନ, ହ. ମସିହ୍ ମଉଦ୍ ଅ.ସଙ୍କ ନାମ ସମ୍ମାନପୂର୍ବକ ନିଆଯିବା, ଆପଣ ଅ.ସଙ୍କ ନାମର ଶ୍ଲୋଗାନ୍ ଇତ୍ୟାଦି ପ୍ରସଙ୍ଗ ହେଉଛି ସେହି ଐଶ୍ୱରୀକ ପ୍ରତିଶୃତିର ଚରିତାର୍ଥ ତଥା ଜ୍ୱଳନ୍ତ ପ୍ରମାଣ ଯେ, ଆପଣ ଅ.ସ ହିଁ ସେହି ପ୍ରତିଶୃତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀ ଅଟନ୍ତି ଯିଏ ଅଲ୍ଲାଃତାଲାଙ୍କ ପ୍ରତିଶୃତି ଅନୁଯାୟୀ ଓ ଆଁହଜରତ ସ.ଅଙ୍କ ଭବିଷ୍ୟତବାଣୀ ଅନୁଯାୟୀ ଆପଣ ସ.ଅଙ୍କ ଦାସତ୍ୱରେ ଆସିଅଛନ୍ତି ।

କାଦିଆନ୍‌ର ସେହି ଛୋଟିଆ ବସ୍ତି ଯାହା ଆଜକୁ ପ୍ରାୟ 125 ବର୍ଷ ପୂର୍ବେ ଏକ ସାଧାରଣ ବସ୍ତିଟିଏ ଥିଲା ତାହା ଆଜି ଏକ ସୁନ୍ଦର ଓ ଭବ୍ୟ ସହରର ରୂପ ଧାରଣ କରି ନେଇଛି । ସଂସାରର କୋଣ ଅନୁକୋଣରେ ଏହାର ଯଥେଷ୍ଟ ଖ୍ୟାତି ରହିଛି । ଏହି ଖ୍ୟାତି ହ. ମସିହ୍ ମଉଦ୍ ଅ.ସଙ୍କ ନାମ ଯୋଗୁଁ ହିଁ ସମ୍ଭବପର ହୋଇପାରିଛି। ଆପଣ ଅ.ସଙ୍କ ସହିତ ଅଲ୍ଲାଃତାଲା ଯେଉଁ ପ୍ରତିଶୃତି କରିଛନ୍ତି ସେହି ପ୍ରତିଶୃତି ଅନୁଯାୟୀ ଆଜି ଉକ୍ତ ବସ୍ତିରେ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ସହସ୍ରାଦ୍ଧ ନାଗରିକମାନେ ଜଲସା ସାଲାନାରେ ସାମିଲ୍ ହେବା ନିମନ୍ତେ ଏକତ୍ରିତ ହୋଇଛନ୍ତି ।

ମୁସଲମାନମାନଙ୍କୁ ତ' ଉକ୍ତ କଥା ଉପରେ ପ୍ରସନ୍ନ ହେବା ଉଚିତ୍ ଯେ, ଆପଣ ଅ.ସ ହିଁ ସେହି ଅଙ୍ଗୀକୃତ ଧର୍ମାଧକ୍ଷ ଓ ପ୍ରତିଶୃତ ମସିହ୍ ଅଟନ୍ତି । କାରଣ ଯେଉଁ ଅବତାରଙ୍କ ଆଗମନ ସହିତ ଇସଲାମ୍ ଧର୍ମର ଦ୍ୱିତୀୟ ଯୁଗର ଅୟମାରମ୍ଭ ଆରମ୍ଭ ହେଲା, ଦୋଷ ଦୁର୍ବଳତା ଦୂରୀଭୂତ ହେବାର ଯୁଗ ଆସିଲା ଓ ପ୍ରଚାର ପ୍ରସାର ତଥା ତବ୍‌ଲିଗର ଯୁଗ ଆସିଲା । କିନ୍ତୁ ନାମକୁ ମାତ୍ର ବିଦ୍ୱାନମାନେ ସ୍ୱାର୍ଥ, ଲାଭ ସାଧାରଣ ମୁସଲମାନମାନଙ୍କୁ ସତ୍‌ମାର୍ଗରୁ ହଟାଇବା ନିମନ୍ତେ ଉଦ୍ୟମ କରୁଛନ୍ତି। କିନ୍ତୁ ଅଲ୍ଲାଃତାଲାଙ୍କର ଏହି ପ୍ରତିଶୃତି ମଧ୍ୟ ରହିଛି ଯେ, ଏମିତି ଏକ ସମୟ (ଯୁଗ) ଆସିବ ଯେ, ଏହି ଲୋକମାନେ ହିଁ ଆପଣ ଅ.ସଙ୍କୁ ସ୍ୱୀକାର କରିନେବେ ।

### MTA ଇଣ୍ଟରନେସନାଲ ମାଧ୍ୟମରେ ସେୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦୁହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜଙ୍କ ଇସଲାମାବାଦ ୟୁ.କେରୁ ଜଲସାରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କୁ ଚାତୁର୍ଯ୍ୟ ବର୍ଦ୍ଧକ ଉଦଯାପନୀ ଉଦବୋଧନୀ ।

ନିଜର ପାଲେଷ୍ଟୀନୀୟ ଭାଇ ଭଉଣୀମାନଙ୍କୁ, ପିଲାମାନଙ୍କୁ ନିଜ ଦୁଆରେ ମନେ ରଖନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ଅନ୍ୟାୟ ଓ ଅତ୍ୟାଚାରର ଚକ୍ରବ୍ୟୁହରୁ ଉଦ୍ଧାର କରନ୍ତୁ । ପାକିସ୍ତାନର ଅହେମଦିମାନଙ୍କ ନିମନ୍ତେ, ଅଲ୍ଲାଃତାଲାଙ୍କ ସକାଶେ କାରାବରଣ ଭୋଗୁଥିବା ଅହେମଦିମାନଙ୍କ ନିମନ୍ତେ ମଧ୍ୟ ପ୍ରାର୍ଥନା କରନ୍ତୁ । ନୂତନ ବର୍ଷ ଆରମ୍ଭ ହେଉଅଛି । ଆଜି ରାତିରେ ତେହଜ୍ଜୁଦ୍ ନମାଜରେ ନବ ବର୍ଷ ମଙ୍ଗଳମୟ ହେବା ନିମନ୍ତେ, ସଂସାରରେ ଅନ୍ୟାୟ ଓ ଅତ୍ୟାଚାରର ପରିସମାପ୍ତି ହେବା ନିମନ୍ତେ, ସଂସାରକୁ ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ଅଭିପ୍ରାୟକୁ ହୃଦୟଙ୍ଗମ କରିବା ନିମନ୍ତେ ଓ ଆପଣ ଅ.ସଙ୍କୁ ସ୍ୱୀକାର କରିବା ନିମନ୍ତେ ପ୍ରାର୍ଥନା କରନ୍ତୁ ।

☆ତିନି ଦିନ ଧରି ଜଲ୍‌ସାର କାର୍ଯ୍ୟକ୍ରମର ସିଧାପ୍ରସାରଣ ଓ ଏମ.ଟି.ଏ ମାଧ୍ୟମରେ ଦେଶ ବିଦେଶର ରାଷ୍ଟ୍ରମାନେ ଜଲ୍‌ସାରୁ ବ୍ୟାପକ ରୂପେ ଉପକୃତ ହେବା☆ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଏକ ଲକ୍ଷ ଷୋହଳ ହଜାର ଚାରି ଶହ ସଦସ୍ୟ ଜଲସା ସାଲାନାର କାର୍ଯ୍ୟକ୍ରମ ଦେଖିଲେ ଓ ଶୁଣିଲେ☆14930 ଜଣ ଅହେମଦିୟ ପ୍ରେମୀ ଜଲ୍‌ସା ସାଲାନାରେ ସାମିଲ୍ ହେଲେ☆42ଟି ଦେଶର ଉକ୍ତ ଜଲସା ସାଲାନାରେ ପ୍ରତିନିଧିତ୍ୱ☆କେତେକ ଆଫ୍ରିକୀୟ ରାଷ୍ଟ୍ରମାନଙ୍କରେ ଜଲ୍‌ସା ଓ ଉଦ୍‌ଯାପନୀ ଉଦ୍‌ବୋଧନରେ ଅଂଶ ଗ୍ରହଣ କଲେ☆ଉଦ୍‌ଯାପନୀ ଉଦ୍‌ବୋଧନରେ ଇସ୍‌ଲାମାବାଦ ୟୁ.କେରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ଜନସମାଗମ☆ନମାଜ ତେହଜ୍ଜୁଦ୍। ଦର୍‌ସୁଲ୍ କୁରଆନ୍ ଏବଂ ଈଶ୍ୱର ଚର୍ଚ୍ଚା ଦ୍ୱାରା ପରିବେଶକୁ ମୁଖରିତ କରିବା☆ବିଦ୍ୱାନ୍‌ମାନଙ୍କର ମର୍ମସ୍ପର୍ଶୀ ଭାଷଣ☆୨ଟି ଭାଷାରେ ଜଲ୍‌ସା ସାଲାନାର କାର୍ଯ୍ୟକ୍ରମର ସିଧା ସଳଖ ଅନୁବାଦ☆ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଜ୍ଞାନରେ ଅଭିବୃଦ୍ଧି ନିମନ୍ତେ ସାଂସ୍କାରିକ ବିଷୟବସ୍ତୁ ଉପରେ ଆଧାରିତ ଡକ୍ୟୁମେଣ୍ଟାରୀ ଓ ବିଭିନ୍ନ ପ୍ରଦର୍ଶନୀର ଆୟୋଜନ☆ନିକାହ୍ ଆଦିର ଘୋଷଣା☆ମୁଦ୍ରିତ ଗଣମାଧ୍ୟମ ଏବଂ ଇଲେକ୍ଟ୍ରୋନିକ (ବୈଦ୍ୟୁତିକ) ଗଣମାଧ୍ୟମରେ ଜଲ୍‌ସାର କଭରେଜ୍☆ପ୍ରଶାନ୍ତମୟ ତଥା ସୁଖକର ପରିବେଶରେ ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ସମାପନ☆**(ମନ୍‌ସୁର୍ ଅହେମଦ ମସ୍ରୁର୍, ରିପୋର୍ଟିଂ ସଂଚାଳକ)**

ଅଲ୍‌ହମଦୁ ଲିଲ୍ଲାଃ ଜଲ୍‌ସା ସାଲାନା କାଦିଆନ୍ ଅହେମଦିଆ ଉଦ୍ୟାନର ଏକ ପ୍ରଶସ୍ତ ପରିସରର ମଧ୍ୟରେ ତା- 29 ,30 ,31 ଡିସେମ୍ବର ମାସ 2023 ମସିହା, ବାର- ଶୁକ୍ରବାର. ଶନିବାର ଓ ରବିବାର ଦିନ ଆୟୋଜିତ ହୋଇ ସୁରୁଖୁରୁରେ ସମ୍ପନ୍ନ ହେଲା । ଦୂର ଦୂରାନ୍ତରୁ ଅହେମଦିୟତ୍ ପ୍ରେମୀ ଅତ୍ୟନ୍ତ ଉତ୍ସାହ ତଥା ଆବେଗର ସହିତ ଉକ୍ତ ଜଲସାରେ ଅଂଶ ଗ୍ରହଣ କରିବା ସକାଶେ ଧୀରେ ଧୀରେ କାଦିଆନ୍ ଆସିବାକୁ ଲାଗିଲେ । ଜଲ୍‌ସାର ଦିନ ଯେମିତି ଯେମିତି ପାଖେଇ ଆସିଲା ସେତିକି ସେତିକି କାଦିଆନ୍ ଦାରୁଲ୍ ଅମାନ୍‌ର ଶୋଭା ତଥା ସୌନ୍ଦର୍ଯ୍ୟ ଅଭିବୃଦ୍ଧି ହୋଇ ଚାଲିଲା । ଏପର୍ଯ୍ୟନ୍ତକି ସମଗ୍ର କାଦିଆନ୍ ଅତିଥିମାନଙ୍କ ଦ୍ୱାରା ପରିପୂର୍ଣ୍ଣ

ହୋଇଗଲା । ଯେଉଁଆଡ଼େ ବାହାର ଓ ଯେଉଁଆଡ଼େ ଦୃଷ୍ଟି ପକାଅ ସେଠାରେ ଖାଲି ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥି ଦୃଶ୍ୟମାନ ହେଉଛନ୍ତି । ବିଦେଶରୁ ଆସିଥିବା ଲୋକମାନଙ୍କ ମଧ୍ୟରୁ ବିପୁଳ ସଂଖ୍ୟକ ଅହେମଦିୟତ୍ ପ୍ରେମୀ ଜଲସାରେ ସାମିଲ୍ ହେଲେ । କାଦିଆନ୍ ଦାରୁଲ୍ ଅମାନ୍‌ର ପ୍ରିୟ ପାବନ ଭୂମି ଏବଂ ପାବନ ବସ୍ତି ପୁନଃ ଅନନ୍ଦ, ଉଲ୍ଲାସର ପ୍ରକାଶରେ ପରିପୂର୍ଣ୍ଣ ହୋଇଗଲା। ଅତିଥିମାନଙ୍କର ଆଗମନ ପୂର୍ବରୁ ହିଁ ବିଦ୍ୟୁତ୍ ତଥା ଆଲୋକ ବିଭାଗ ପକ୍ଷରୁ ମଉଜାର ସମସ୍ତ ଗଳି ଓ ରାସ୍ତାକୁ ଟ୍ୟୁବ୍ ଲାଇଟ୍ ଦ୍ୱାରା ଆଲୋକିତ କରିଦିଆଗଲା। ବହିଶତି ମକ୍‌ବରାହ୍, ଦାରୁଲ୍ ମସିହ୍, ମସ୍‌ଜିଦ୍ ମୁବାରକ, ମସ୍‌ଜିଦେ ଅକ୍‌ସା ଓ ମିନାରତୁଲ୍ ମସିହ୍ ଆଦି ପବିତ୍ର ସ୍ଥଳୀକୁ ଛୋଟ ଛୋଟ ବିଦ୍ୟୁତ ବଲ୍‌ବ୍ ଦ୍ୱାରା ରଙ୍ଗୀନ ନବ ବଧୂ ପରି ସଜାଇ ଦିଆଗଲା । ସେହିପରି ମସିହ୍ ମଉଦ୍ ଅ.ସ ଏବଂ ମେହଦୀ ଅ.ସଙ୍କ ଆଧାତ୍ମିକ ବସ୍ତି ନିଜର ଆଭ୍ୟନ୍ତରୀଣ ଆଲୋକମାଳା ସହିତ ପ୍ରକାଶ୍ୟ ରୂପେ ମଧ୍ୟ ଆଲୋକିତ ହୋଇ ଉଠିଲା ଏବଂ ଝଲସି ଗଲା ।

## ଜଲ୍‌ସାରେ କର୍ମରତ କର୍ମଚାରୀମାନଙ୍କର ତଥା ବ୍ୟବସ୍ଥାର ନିରୀକ୍ଷଣ

ତା-25ରିଖ ଡିସେମ୍ବର ମାସ 2023 ମସିହା, ସୋମବାର ଦିନ ପ୍ରାତଃ 10 ଘଟିକା ସମୟରେ ଜଲ୍‌ସା ଗାହ୍ ବୁସ୍ତାନେ ଅହେମଦ୍‌ରେ ହୁଜୁର ଅନ୍‌ୱର୍ ଅ.ବଙ୍କ ପ୍ରତିନଧି ସମ୍ମାନନୀୟ ମୌଲାନା ମୁହମ୍ମଦ୍ କରୀମୁଦ୍ଦୀନ୍ ଶାହିଦ୍ ସାହେବ ସଦର୍ ଅଞ୍ଜୁମନ ଅହେମଦିୟାର ସଭାପତିଙ୍କ ସଭାପତିତ୍ୱରେ ଜଲ୍‌ସାରେ କର୍ମରତ କର୍ମଚାରୀମାନଙ୍କର ତଥା ଜଲ୍‌ସାରେ କରାଯାଇଥିବା ବ୍ୟବସ୍ଥାର ନିରୀକ୍ଷଣ ଉତ୍ସବ ଅନୁଷ୍ଠିତ ହେଲା । ହୁଜୁର ଅନ୍‌ୱର୍ ଅ.ବଙ୍କ ପ୍ରତିନିଧି ମହୋଦୟ ଯେମିତି ବୁସ୍ତାନେ ଅହେମଦ ଠାରେ ପ୍ରବେଶ କଲେ ସହସା ତାଙ୍କୁ اَھْلًا وَسَھْلًا مَرْحَبًا କହି ଶ୍ଲୋଗାନ ଦେଇ ସ୍ୱାଗତ କରାଗଲା । ଆପଣ ମହୋଦୟ ସର୍ବପ୍ରଥମେ ଜଲ୍‌ସା ସାଲାନାର ବିଭାଗ ଗୁଡ଼ିକର ବ୍ୟାନର ତଳେ ଛିଡ଼ା ହୋଇଥିବା ବ୍ୟବସ୍ଥାପକ ପରିଚାଳକ ଓ ବିଭାଗୀୟ ମୁଖ୍ୟ ତଥା କର୍ମଚାରୀବୃନ୍ଦଙ୍କ ସାକ୍ଷାତ୍ କଲେ । ଏତଦ୍‌ପରେ ହୁଜୁର ଅନ୍‌ୱର୍ ଅ.ବଙ୍କ ପ୍ରତିନିଧି ମହିଳା ପେଣ୍ଡାଲ୍‌ର ଗସ୍ତ କଲେ ।

ଉତ୍ସବର କାର୍ଯ୍ୟକ୍ରମ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍‌ରୁ ଆରମ୍ଭ ହେଲା। ତିଲାୱତ୍‌କାରୀ ଯାମିଆ ଅହେମଦିୟା କାଦିଆନ୍‌ର ଅଧ୍ୟୟନରତ ଛାତ୍ର ଆୟୁଷ୍ମାନ୍ ତକି ଅହେମଦ କଲେ । ଏତଦ୍‌ପରେ ହୁଜୁର ଅ.ବଙ୍କ ପ୍ରତିନିଧି ସମସ୍ତ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଲେ । ଆପଣ ମହୋଦୟ ଆଁହଜରତ ସ.ଅ ଓ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବାମାନଙ୍କର ଆଦର୍ଶ ତଥା ଉଦାହରଣ ଦେଲେ, ସେମାନଙ୍କ ଆଦର୍ଶ ତଥା ଉଦାହରଣକୁ ଅବଲମ୍ବନ କରିବା ନିମନ୍ତେ ଧ୍ୟାନ ଆକର୍ଷଣ କଲେ ଏବଂ ହୁଜୁର ଅନ୍‌ୱର୍ ଅ.ବଙ୍କ ଆଦେଶାବଳୀର ପ୍ରାମାଣ୍ୟ ପ୍ରକାଶରେ ସମସ୍ତ କର୍ମକର୍ତ୍ତାବୃନ୍ଦମାନଙ୍କୁ ତଥା ବିଭାଗୀୟ ମୁଖ୍ୟଙ୍କୁ ଉପାଦେୟ ଉପଦେଶ ପ୍ରଦାନ କଲେ । ସେହିପରି ଆପଣ ମହୋଦୟ ସର୍ବଶେଷରେ ପ୍ରତ୍ୟେକ ଦୃଷ୍ଟିରୁ ଜଲ୍‌ସା ସାଲାନା ସାଫଲ୍ୟ ମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଦୁଆ କଲେ । **ଅଲ୍‌ହମଦୁଲିଲ୍ଲାଃହି ଅଲା ଜାଲିକ୍ ।**

## ତା-29 ଡିସେମ୍ବର 2023 ମସିହା ଶୁକ୍ରବାର ଦିନ ଜଲ୍‌ସାର ଶୁଭୋଦ୍‌ଘାଟନ

ଅଲ୍ଲାଃତାଲାଙ୍କ ଅଶେଷ ଦୟା ତଥା କୃପା ବଳରେ ତା- 29 ଡିସେମ୍ବର 2023 ମସିହା ଶୁକ୍ରବାର ଦିନ ଜଲ୍‌ସା ସାଲାନା କାଦିଆନ୍ ହୁଜୁର ଅନ୍‌ୱର୍ ଅ.ବଙ୍କ ପ୍ରତିନିଧି ସମ୍ମାନନୀୟ ସଭାପତି ମୌଲାନା ମୁହମ୍ମଦ୍ କରୀମୁଦ୍ଦୀନ୍ ଶାହିଦ୍ ସାହେବଙ୍କ ସଭାପତିତ୍ୱରେ ଅତ୍ୟନ୍ତ ଭବ୍ୟ ଢଙ୍ଗରେ, ଜମାଅତୀୟ ପରମ୍ପରା ସହିତ ପ୍ରାୟ ପ୍ରାତଃ 10.4 ଘଟିକା ସମୟରେ ଆରମ୍ଭ ହେଲା । ହୁଜୁର ଅନ୍‌ୱର୍ ଅ.ବଙ୍କ ପ୍ରତନିଧି 10.4 ମିନିଟ୍‌ରେ ଲିୱାଏ ଅହେମଦିୟତ୍ (ଅହେମଦିୟା ଧ୍ୱଜ) ଉଡାଇଲେ ଓ ଏତଦ୍ ପରେ ଦୁଆ କରାଇଲେ । ଜଲ୍‌ସା ସାଲାନା କାଦିଆନ୍ 2023 ମସିହାର ପ୍ରଥମ ଦିନର ପ୍ରଥମ ସତ୍ରର ପ୍ରାରମ୍ଭ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ ସହିତ ହେଲା । ଯାମିଆ ଅହେମଦିୟାର ଅଧ୍ୟାପକ ସମ୍ମାନନୀୟ ମୁର୍ଶିଦ୍ ଅହେମଦ୍ ଡାର୍ ସାହେବ ସୁରାଃ ଆଲେ ଇମ୍ରାନ୍‌ର ଆୟତ୍ ନଂ 1919-195ପର୍ଯ୍ୟନ୍ତ ତିଲାୱତ୍ (ପାଠ/ଆବୃତ୍ତି) କଲେ ଏବଂ ଉକ୍ତ ଆୟତ୍‌ର ଉର୍ଦ୍ଦୁ ଅନୁବାଦ ତଫସିର୍ ସଗିର୍‌ରୁ ସମ୍ମାନନୀୟ ଜୈନୁଦ୍ଦୀନ୍ ସାହେବ ହାମିଦ୍ ନାଜିମ୍ ଦାରୁଲ୍ କଜା କାଦିଆନ୍ ଉପସ୍ଥାପିତ କଲେ । ଏତଦ୍‌ପରେ ସଭାପତି ମହୋଦୟ ପ୍ରାରମ୍ଭିକ ଉଦ୍‌ବୋଧନ ପ୍ରଦାନ କଲେ । ଆପଣ ମହୋଦୟ ଜଲ୍‌ସା ଗାହ୍ ଠାରେ ଉପସ୍ଥିତ ଥିବା ସମସ୍ତ ଉପସ୍ଥିତ ଶ୍ରୋତା ମଣ୍ଡଳୀଙ୍କୁ ଜଲ୍‌ସା ସାଲାନା କାଦିଆନରେ ଅଂଶ ଗ୍ରହଣ କରିଥିବା ହେତୁ କୃତଜ୍ଞତା ଏବଂ ଶୁଭେଚ୍ଛା ଜଣାଇଲେ । ଆପଣ ମହୋଦୟ ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀରୁ କେତେକ ଉପଦେଶାବଳୀ ଉପସ୍ଥିତ ଶ୍ରୋତାମଣ୍ଡଳୀଙ୍କୁ ପ୍ରଦାନ କଲେ । ଏତଦ୍‌ପରେ ସଭାପତି ମହୋଦୟ ନିଜ ଉଦ୍‌ବୋଧନ ଶେଷରେ ସାମୂହିକ ଦୁଆ କରାଇଲେ ।

## ପ୍ରଥମ ଦିନ ପ୍ରଥମ ସତ୍ରର ଜଲ୍‌ସା

ଏତଦପରେ ସମ୍ମାନନୀୟ ତନ୍‌ୱୀର ଅହେମଦ ନାସିର୍ ସାହେବ ନାଏବ୍ ନାଜିର ସାହେ ନଶ୍ରୋ ଇଶାଅତ୍ କାଦିଆନ୍ ଦାଉଦି ସୁରରେ ହ. ମୁସଲେହ୍ ମଉଦ୍ ର.ଅଙ୍କ କବିତା **"ଖୁଦା ସେ ଚାହିଏ ହୈଁ ଲୋ ଗାନି କେ ସବ୍ ଫାନି ହେଁ ଅଉର୍ ୱୋହ୍ ଗୈର୍ ଫାନି"** ଉପସ୍ଥାପିତ କଲେ । ଉକ୍ତ ସଭାର ପ୍ରଥମ ଭାଷଣ **"ହସ୍ତି ବାରି ତାଆଲା"** (ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣିବାର ଉପକାରିତା ତଥା କଲ୍ୟାଣ) ସମ୍ମାନନୀୟ ମୁହମ୍ମଦ ହମିଦ୍ କୌସର୍ ସାହେବ, ନାଜିର୍ ଦାୱତ୍ ଇଲଲ୍ଲାଃ ମର୍କଜିୟା କାଦିଆନ୍ ପ୍ରଦାନ କଲେ ।

ଇଜ୍‌ଲାସର ଦ୍ୱିତୀୟ ଭାଷଣ ସମ୍ମାନନୀୟ ମୁହମ୍ମଦ୍ ଇନାମ୍ ଗୌରୀ ସାହେବ ନାଜିରେ ଆଲା ତଥା ଆମୀର୍ ଜମାଅତ୍ ଅହେମଦିୟା କାଦିଆନ୍ ପ୍ରଦାନ କଲେ। ଆପଣଙ୍କ ଭାଷଣର ବିଷୟବସ୍ତୁ ଥିଲା, "ସିରତ୍ ଆଁହଜରତ ସ.ଅ ହଜ୍ଜତୁଲ୍ ୱିଦା ଅବସରରେ ଆଁହଜରତ ସ.ଅଙ୍କ ଦ୍ୱାରା ଦିଆଯାଇଥିବା ଉଦ୍‌ବୋଧନ ଏବଂ ମାନବିକ ସାମ୍ୟତା" ।

## ପ୍ରଥମ ଦିନ ଦ୍ୱିତୀୟ ସତ୍ରର ଜଲ୍‌ସା

ଜଲ୍‌ସା ସାଲାନା କାଦିଆନ୍‌ର ପ୍ରଥମ ଦିନର ଦ୍ୱିତୀୟ ସତ୍ରର ଜଲ୍‌ସା ଠିକ୍ ଦିବା 2.00ଟାରେ ଆରମ୍ଭ ହେଲା । ଉକ୍ତ ଇଜ୍‌ଲାସର ସଭାପତିତ୍ୱ ସମ୍ମାନନୀୟ ରଫିକ୍ ଅହେମଦ୍ ସାହେବ ମାଲାବାରି ୱକିଲେ ଆଲା ତେହ୍‌ରିକେ ଜଦିଦ୍ କାଦିଆନ୍‌ଅଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଲା ଓ ପ୍ରଥାନୁଯାୟୀ ତିଲାୱତ୍ କୁରଆନ୍ କରୀମ୍ ହାଫିଜ୍ ଉମୈର୍ ଅବ୍‌ବାସ୍ ନାଏକ୍ ସାହେବ, ଶୋବା ୱକ୍‌ଫେ ନଅ ଭାରତ କଲେ। ମହୋଦୟ ସୁରତୁଲ୍ ଅନ୍‌ଫାଲ୍‌ର ଆୟତ୍ ନଂ 20-25ର ତିଲାୱତ୍ କରିବାର ସୌଭାଗ୍ୟ ଅର୍ଜନ କଲେ । ତତ୍‌ପଶ୍ଚାତ୍ ସମ୍ମାନନୀୟ ଡ଼ାକ୍ତର ଜାୱେଦ୍ ଅହେମଦ ଲୋନ୍ ସାହେବ, ନାଜିର୍ ଦିୱାନ୍ କାଦିଆନ୍ ତଫସିର୍ ସଗିରରୁ ଏହାର ଉର୍ଦ୍ଦୁ ଅନୁବାଦ ଉପସ୍ଥାପିତ କଲେ । କାଦିଆନ୍ ସ୍ଥିତ ନିଜାମତ୍ ଜାଏଦାଦ୍ ବିଭାଗର ମୁବଲ୍ଲିଗ୍ ସିଲସିଲା ସମ୍ମାନନୀୟ ସଇଦ୍ ଅହେମଦ ସାହେବ ମଲ୍‌କାନା ହ. ମସିହ୍ ମଉଦ୍ ଅ.ସଙ୍କ କବିତା

"وہ پیشوا ہمارا جس سے ہے نور سارا نام اُسکا ہے محمد دلبر میرا یہی ہے۔"

ମଧ୍ୟରୁ କେତେକ ପଂକ୍ତି ଅତ୍ୟନ୍ତ ସୁନ୍ଦର କଣ୍ଠରେ ଗାଇ ଶୁଣାଇଲେ । ଉକ୍ତ ଇଜ୍‌ଲାସ ଅର୍ଥାତ୍ ପ୍ରଥମ ସତ୍ରର ପ୍ରଥମ ଭାଷଣ **"ସିରତ୍ ସାହାବା ହ. ଉସ୍‌ମାନ୍ ର.ଅ"**ଙ୍କ ବିଷୟ ବସ୍ତୁ ଉପରେ ସମ୍ମାନନୀୟ ମୌଲାନା ଜୈନୁଦ୍ଦୀନ୍ ହାମିଦ୍ ସାହେବ ନାଜିମ୍ ସାହେବ ଦାରୁଲ୍ କଜା କାଦିଆନ୍ କଲେ । ଉକ୍ତ ଇଜ୍‌ଲାସର ଦ୍ୱିତୀୟ ଭାଷଣ **"ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ (ପଞ୍ଚମ) ଅ.ବଙ୍କ ଖୁତ୍‌ବାତ୍ ଓ ଖିତାବାତ୍‌ରୁ ଉପକୃତ ହେବାର ମହତ୍ତ୍ୱ ତଥା କଲ୍ୟାଣ"** ପ୍ରସଙ୍ଗରେ ମୌଲାନା ମୁନୀର୍ ଅହେମଦ୍ ସାହେବ ଖାଦିମ୍ ଏଡ଼ିଶ୍‌ନାଲ୍ (ଅତିରିକ୍ତ) ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ଜୁନୁବୀ (ଦକ୍ଷିଣ ଭାରତ) ହିନ୍ଦ୍ ଭାଷଣ ପ୍ରଦାନ କଲ ।

ଉକ୍ତ ଇଜ୍‌ଲାସ୍‌ର ତୃତୀୟ ଭାଷଣ **"ବା ଶରାହ୍ ଚନ୍ଦା ଔର୍ ନିଜାମେ ୱସିୟତ୍ କି ଅହମିୟତ୍ ଓ ବରକାତ୍"** ବିଷୟବସ୍ତୁ ଉପରେ ମୌଲାନା ସୟେଦ୍ କଲୀମୁଦ୍ଦୀନ୍ ସାହେବ୍ ମୁବଲ୍ଲିଗ୍ ସିଲସିଲା ଓ କାଜିଏ ସିଲ୍‌ସିଲା ପ୍ରଦାନ କଲେ ।

## ତା-30 ଡିସେମ୍ବର 2023 ମସିହା ଶନିବାର ଦ୍ୱିତୀୟ ଦିନ ଜଲ୍‌ସାର ପ୍ରଥମ ସତ୍ରର ଇଜ୍‌ଲାସ୍

ଦ୍ୱିତୀୟ ଦିନ ପ୍ରଥମ ସତ୍ରର ଇଜ୍‌ଲାସ୍ ସମ୍ମାନନୀୟ ମୁନୀର ଅହମଦ ସାହେବ ହାଫିଜାବାଦି, ସେକ୍ରେଟାରୀ ମଜ୍‌ଲିସ୍ କାରପର୍ଦାଜ୍ ବହିଶ୍‌ତି ମକ୍‌ବରାହ୍ କାଦିଆନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ସେହିପରି ତିଲାୱତ୍ କୁରଆନ୍ କରୀମ୍ ଯାମିଆ ଅହେମଦିୟା କାଦିଆନ୍‌ର ଛାତ୍ର ଲୁକ୍‌ମାନ୍ ଅହେମଦ ତକି କଲେ । ଏହାର ଉର୍ଦ୍ଦୁ ଅନୁବାଦ କାଦିଆନ୍‌ର ସାପ୍ତାହିକ ବଦର୍‌ର ମ୍ୟାନେଜର (ପରିଚାଳକ) ସମ୍ମାନନୀୟ ମୌଲବୀ ଶୈଖ୍ ମୁଜାହିଦ୍ ଅହେମଦ ଶାସ୍ତ୍ରୀ ସାହେବ ଉପସ୍ଥାପିତ କଲେ । ଏତଦ୍‌ପରେ ସମ୍ମାନନୀୟ ଦବିର୍ ଅହେମଦ୍ ଶମିମ୍ ସାହେବ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ କବିତା ଅତ୍ୟନ୍ତ ସୁନ୍ଦର କଣ୍ଠରେ ପାଠ କଲେ (ଗାଇଲେ) ।

ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନ ବା ସତ୍ରର ପ୍ରଥମ ଭାଷଣ ହାଇଦ୍ରାବଦ୍ ଜିଲ୍ଲାର ମୁବଲ୍ଲିଗ୍ ଇନ୍‌ଚାର୍ଜ ତଥା ଅମୀର ସମ୍ମାନନୀୟ ହମିଦୁଲ୍ଲାଃ ହସନ୍ ସାହେବ **"ଶୋହଦାଏ ଅହେମଦିୟତ୍ କି ଅଦିମୁଲ୍ ମିସାଲ୍ କୁର୍ବାନୀଆଁ"** ବିଷୟବସ୍ତୁ ଉପରେ ଭାଷଣ ପ୍ରଦାନ କଲେ ଏବଂ କବିତା "خوں شہیدانِ اُمّت کا اے کم نظر، رائیگاں کب گیا تھا کہ اب جائیگا" ଉପସ୍ଥାପିତ କଲେ ।

ଏତଦ୍‌ପରେ ଇଜ୍‌ଲାସ୍‌ର ଦ୍ୱିତୀୟ ଭାଷଣ ସମ୍ମାନନୀୟ ମୁଜଫ୍ଫର ଅହେମଦ ନାସିର୍ ସାହେବ, ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟା କାଦିଆନ୍ **"ଜମାଅ୍‌ତ ଅହେମଦିୟା କେ ରୌଶନ୍ ମୁସ୍ତକବିଲ୍"** ବିଷୟ ବସ୍ତୁ ଉପରେ ହ. ମସିହ୍ ମଉଦ୍ ଅ.ସଙ୍କ ଓ ଖୋଲଫାଏ କରାମ୍‌ଙ୍କ ଆଦେଶାବଳୀର ପ୍ରକାଶରେ ପ୍ରଦାନ କଲେ ।

## ଭାଷଣ ସଂକ୍ରାନ୍ତରେ ଶ୍ରୋତାମଣ୍ଡଳୀଙ୍କର ପ୍ରତିକ୍ରିୟା

ଏତଦ୍‌ପରେ ନିମ୍ନ ଲିଖିତ ଅତିଥିମାନଙ୍କ ପକ୍ଷରୁ ଭାଷଣ ସଂକ୍ରାନ୍ତରେ ପ୍ରତିକ୍ରିୟା ନିଆଯାଇଥିଲା । ଘାନାର ଆଞ୍ଚଳିକ ମନ୍ତ୍ରୀ W.A.**(ଅବଶିଷ୍ଟାଂଶ....ପୃ-12ରେ)**

# (ଖୁତ୍‌ବା ଜୁମା)

ସଂସାରରେ, ସମଗ୍ର ରାଷ୍ଟ୍ରମାନଙ୍କରେ ଶୁରା (ପରାମର୍ଶ/ମତାମତ) ଏଇଥିପାଇଁ ଆୟୋଜିତ ହୋଇଥାଏ ଯେ, ଆମେମାନେ ଯେଉଁଠି ନିଜର ବ୍ୟବହାରିକ ଅବସ୍ଥାକୁ ଶୃଙ୍ଖଳିତ କରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରିବୁ ସେଠାରେ ଏକେଶ୍ୱରବାଦର ସନ୍ଦେଶ ପହଞ୍ଚାଇବା ନିମନ୍ତେ ଏବଂ ସଂସାର ଜଗତକୁ ଗୋଟିଏ ଜାତି କରିବା ସକାଶେ ଆଁହଜରତ ସ.ଅଙ୍କ ଧ୍ୱଜା ତଳେ ଆଣିବା ନିମନ୍ତେ ଏପରି ଯୋଜନା ପ୍ରସ୍ତୁତ କରନ୍ତୁ ଯେ, ଏକ ବିପ୍ଳବ ସୃଷ୍ଟି କରନ୍ତୁ ।

ସଦସ୍ୟମାନଙ୍କର କେତେକ ଦାୟିତ୍ୱାବଳୀ, ମଜ୍‌ଲିସେ ଶୁରାର ସୁପାରିଶ୍ ଏବଂ ଉପସ୍ଥିତ ଖଲିଫାଙ୍କ ସେହି ପରାମର୍ଶ ଉପରେ ମୋହର ତଥା ନିଷ୍ପତ୍ତି ଗ୍ରହଣ କରିବା ପରେ ହିଁ ତାହା ଆରମ୍ଭ ହୋଇଥାଏ ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ନିଜ ନିଜର ଭୂମିକା ନିର୍ବାହ କରିବା ଶୁରାର ସଦସ୍ୟଙ୍କର ପରମ କର୍ତ୍ତବ୍ୟ ଅଟେ ।

ଯେଉଁ ଯୁଗାବତାରଙ୍କ ଉପରେ ଆଁହଜରତ ସ.ଅଙ୍କ କାର୍ଯ୍ୟକୁ ଆଗକୁ ସଂପ୍ରସାରିତ କରିବା ନିମନ୍ତେ ଦାୟିତ୍ୱ ନ୍ୟସ୍ତ ହୋଇଛି ଏବଂ ପୁନଶ୍ଚ ଆପଣ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ଆପଣ ସ.ଅଙ୍କ ଦାସତ୍ୱରେ ଆଗମନକାରୀ ମସିହ୍ ମଉଦ୍ ଏବଂ ମେହ୍‌ଦୀଏ ମାହୁଦ୍‌ଙ୍କ ମିଶନ୍‌କୁ ପୂର୍ଣ୍ଣ କରିବା, ଆପଣ ଅ.ସଙ୍କ ଅନୁଗାମୀମାନଙ୍କର ମଧ୍ୟ ଏହି କାର୍ଯ୍ୟ ଯେ, ସେମାନେ ପ୍ରେମ, ଅନ୍ତରୀକତା ଓ କୋମଳତାକୁ ବିନିଯୋଗ କରନ୍ତୁ ।

ମଜ୍‌ଲିସେ ଶୁରା ପରାମର୍ଶ ଦେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ନିଷ୍ପତ୍ତି ଗ୍ରହଣକାରୀ ମଜ୍‌ଲିସ୍ ନୁହେଁ ।

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଆଁହଜରତ ସ.ଅଙ୍କ ଠାରୁ ଅଧିକ ଅନ୍ୟ କୌଣସି ସାହାବାମାନଙ୍କୁ ପରାମର୍ଶଗ୍ରହଣକାରୀ ବ୍ୟକ୍ତି ରୂପେ ପାଇ ନାହିଁ । ଅର୍ଥାତ୍ ସାହାବାମାନଙ୍କ ଠାରୁ ଆପଣ ସ.ଅ ପରାମର୍ଶ ଲୋଡୁଥିଲେ

ଉପସ୍ଥିତ ଖଲିଫା ମଧ୍ୟ ଅଲ୍ଲାଃତାଲାଙ୍କ ଆଦେଶ ଏବଂ ଆଁହଜରତ ସ.ଅଙ୍କ ପରମ୍ପରା ଅନୁଯାୟୀ ସଂସାରରେ ପରିବ୍ୟାପ୍ତ ଜମାଆତ୍‌ମାନଙ୍କ ମଧ୍ୟରୁ ସେଠାକାର ପରିସ୍ଥିତି ମୁତାବକ ପରାମର୍ଶ ନେଇଥାଆନ୍ତି । ଯେଉଁ ଯେଉଁଠି ଆମ ଶୁରାର ସଦସ୍ୟମାନେ ରହିଛନ୍ତି ସେମାନଙ୍କୁ ମଧ୍ୟ ସର୍ବଦା ଏହା ସ୍ମରଣ ରଖିବା ଉଚିତ୍ ଯେ, ସେମାନେ ଯେଉଁଠି ପରାମର୍ଶ ଦିଅନ୍ତି ତେବେ ସେଠାରେ ସେମାନେ ସର୍ବପ୍ରଥମେ ନିଜକୁ ଏଥି ନିମନ୍ତେ ପ୍ରସ୍ତୁତ କରନ୍ତୁ ଯେ, ଆମେମାନେ ସେହି ପରାମର୍ଶର ଅନୁମୋଦିତ ନିଷ୍ପତ୍ତି ପରେ କାର୍ଯ୍ୟକାରୀ କରିବା କିମ୍ବା ଉପସ୍ଥିତ ଖଲିଫା ଯାହା ବି ନିଷ୍ପତ୍ତି ନେବେ ତାହା ଉପରେ ଆମେମାନେ ସର୍ବ ପ୍ରଥମେ କାର୍ଯ୍ୟାନୁସରଣ କରିବା ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବା ନିମନ୍ତେ ତତ୍ପର ଥିବୁ ।

ପରାମର୍ଶଦାତାଙ୍କୁ ସର୍ବଦା ଏକଥା ସ୍ମରଣ ରଖିବା ଉଚିତ୍ ଯେ, ସେମାନଙ୍କର ପରାମର୍ଶ ସତ୍‌ଉଦ୍ଦେଶ୍ୟ ଏବଂ ଧର୍ମପରାୟଣତାର ସ୍ତର ଅନୁଯାୟୀ ହେବା ଉଚିତ୍ । ଏକଥା ସ୍ମରଣ ରଖିବା ଉଚିତ୍ ଯେ, ମଜ୍‌ଲିସେ ଶୁରା ଖିଲାଫତ୍‌ର ସହାୟକ ଅନୁଷ୍ଠାନ ଅଟେ । ସେହି ଦୃଷ୍ଟିରୁ ଜମାଅତ୍‌ରେ ଖିଲାଫତ୍ ପରେ ଶୁରାର ଯଥେଷ୍ଟ ମହତ୍ତ୍ୱ ରହିଛି । ଯେଉଁଠି ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ସେଠାରେ ବ୍ୟବହାରିକ ଉଦ୍ୟମ କରିବାର ଆବଶ୍ୟକତା ରହିଛି, ନିଜ ଉପାସନର ସ୍ତରକୁ ପ୍ରାପ୍ତ (ବୃଦ୍ଧି) କରିବା ନିମନ୍ତେ ଉଦ୍ୟମ କରିବାର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି ।

ନିଜର ବ୍ୟବହାରିକ ଉଦାହରଣ, ଆଦର୍ଶ, ଲୋକମାନଙ୍କ ସହିତ ପ୍ରେମମୟ ସଂପର୍କ, ହୃଦୟରେ ସେମାନଙ୍କ ପ୍ରତି ସମବେଦନା ରଖିବା ଓ ସହାନୁଭୂତି ପ୍ରଦର୍ଶନ କରିବା, ସେମାନଙ୍କ ନିମନ୍ତେ ଓ ନିଜ ପାଇଁ ମଧ୍ୟ ଦୁଆ କରନ୍ତୁ । ଉପସ୍ଥିତ ଖଲିଫାଙ୍କର ଆଜ୍ଞା ପାଳନର ସ୍ତରକୁ ଉଚ୍ଚତର କରିବା ପ୍ରତ୍ୟେକ ପଦାଧିକାରୀଙ୍କର ଓ ଶୁରାର ସଦସ୍ୟଙ୍କ ବିଶେଷ କର୍ତ୍ତବ୍ୟ ହେବା ଉଚିତ୍ । ତେବେଯାଇ ଏକ ବିପ୍ଳବାତ୍ମକ ପରିବର୍ତ୍ତନ ସାମଗ୍ରିକ ରୂପେ ଆମ ଜମାଅତ୍‌ରେ ସୃଷ୍ଟି ହେଉଥିବାର ଆମେମାନେ ଅବଲକୋନ କରିବୁ ।

ଆମମାନଙ୍କ ଚାନ୍ଦାର ଆୟ ଏପରି ସୁନ୍ଦର ଢଙ୍ଗରେ ଯୋଜନା ପ୍ରସ୍ତୁତ କରିବା ଉଚିତ୍ ଯେ, ଆମେମାନେ ଅନ୍ତତଃ ବ୍ୟୟରେ ଅଧିକରୁ ଅଧିକ ବ୍ୟୟ ଧର୍ମପ୍ରଚାର ଓ ତବ୍‌ଲିଗ୍‌ର କାର୍ଯ୍ୟକୁ ସମ୍ପାଦନ କରିପାରିବୁ ।

ଶୁରାର ମହତ୍ତ୍ୱ ଓ ଶୁରାର ସଦସ୍ୟମାନଙ୍କର ଦାୟିତ୍ୱାବଳୀ ସଂପର୍କରେ ହୁଜୁର ଅନଓ୍ୱର୍ ଅ.ବଙ୍କ ଚାତୁର୍ଯ୍ୟପୂର୍ଣ୍ଣ ବର୍ଣ୍ଣନା।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 12 May 2023 ମସିହା ଅନୁଯାୟୀ ୧୨ ହିଜ୍ରତ୍ /୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُلِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ . مٰلِكِ يَوْمِ الدِّيْنِ .اِيَّا كَ نَعْبُدُ وَ اِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ଓ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ ସୁରାଃ ଆଲେ ଇମ୍ରାନ୍‌ର ଆବୃତ୍ତି କଲେ। فَبِمَا رَحْمَةٍ مِّنَ اللّٰهِ لِنْتَ لَهُمْ ۚ وَلَوْ كُنْتَ فَظًّا غَلِيْظَ الْقَلْبِ لَانْفَضُّوْا مِنْ حَوْلِكَ ۖ فَاعْفُ عَنْهُمْ وَاسْتَغْفِرْ لَهُمْ وَشَاوِرْهُمْ فِي الْاَمْرِ ۚ فَاِذَا عَزَمْتَ فَتَوَكَّلْ عَلَى اللّٰهِ ۚ اِنَّ اللّٰهَ يُحِبُّ الْمُتَوَكِّلِيْنَ **(ଆଲେ ଇମ୍ରାନ୍: 160) ଅନୁବାଦ୍-** ଏବଂ ଅଲ୍ଲାଃତାଲାଙ୍କର ସେହି ମହାନ୍ କରୁଣା (ଯାହା ତୁମକୁ ପ୍ରଦାନ କରାଯାଇଛି ସେଥି) ଯୋଗୁଁ ତୁମ୍ଭେ ସେମାନଙ୍କ ପ୍ରତି ନମ୍ର ହୋଇଅଛ ଏବଂ ତୁମ୍ଭେ ସେମାନଙ୍କ ପ୍ରତି ନମ୍ର ହୋଇଥାଆନ୍ତ । ତେବେ ଏମାନେ ତୁମ୍ଭ ଚତୁଃପାର୍ଶ୍ୱରୁ ଛିନ୍ନଛତ୍ର ହୋଇଯାଇ ଥାଆନ୍ତେ । ସୁତରାଂ ତୁମ୍ଭେ ସେମାନଙ୍କୁ କ୍ଷମା କର ଓ ସେମାନଙ୍କ ପାଇଁ ଅଲ୍ଲାଃତାଲାଙ୍କ ଠାରୁ କ୍ଷମା ପ୍ରାର୍ଥନା କର ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ୟାପାରରେ ସେମାନଙ୍କ ସହିତ ପରାମର୍ଶ କର ଏବଂ ଯେତେବେଳେ ତୁମ୍ଭେ କୌଣସି ବିଷୟରେ ଦୃଢ ସଂକଳ୍ପ କରିନିଅ ତେବେ ଅଲ୍ଲାଃତାଲାଙ୍କ ଉପରେ ଭରସା କର । କାରଣ ଅଲ୍ଲାଃତାଲା ନିଶ୍ଚୟ ରୂପେ ଭରସାକାରୀମାନଙ୍କୁ ପ୍ରେମ କରନ୍ତି ।

ଏହି ଦିନମାନଙ୍କରେ ବିଭିନ୍ନ ଦେଶମାନଙ୍କରେ, ଜମାଅତୀୟ ମଜାଲିସ୍‌ରେ ଶୁରା ଆୟୋଜିତ ହେଉଅଛି । କେତେକ ଦେଶରେ ଶୁରା ହୋଇ ସାରିଛି ତ' ଆଉ କେତେକ ଦେଶରେ ଚଳିତ ସପ୍ତାହରେ ଅନୁଷ୍ଠିତ ହେବାକୁ ଯାଉଅଛି ଓ ଆଗାମୀ ଦିନରେ ମଧ୍ୟ ଏହା ବିଭିନ୍ନ ଦେଶରେ ଅନୁଷ୍ଠିତ ହେବ । ଜର୍ମାନୀରେ ଆଜି ଶୁରା ଅନୁଷ୍ଠିତ ହେଉଅଛି । ତତ୍‌ସହିତ ଅନ୍ୟ ଦେଶରେ ମଧ୍ୟ ଆଜି ଅନୁଷ୍ଠିତ ହେଉଅଛି। ସେହିପରି ୟୁ.କେର ମଜ୍‌ଲିସେ ଶୁରା ଆସନ୍ତା ସପ୍ତାହରେ ଓ ତତ୍‌ସହିତ ଅନ୍ୟ ଦେଶରେ ମଧ୍ୟ ଅନୁଷ୍ଠିତ ହେବ ।

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ: ଶୁରାର ମହତ୍ତ୍ୱ ଏବଂ ପ୍ରତିନିଧିମାନଙ୍କର ଦାୟିତ୍ୱାବଳୀ ସଂକ୍ରାନ୍ତରେ ମୁଁ ପୂର୍ବେ ମଧ୍ୟ ଖୁତ୍‌ବାତ୍‌ମାନଙ୍କରେ ଧ୍ୟାନ ଆକର୍ଷଣ କରି ଆସିଛି । କିନ୍ତୁ ଶୁରାକୁ ବର୍ତ୍ତମାନ କିଛି ବର୍ଷ ବିତ ଯାଇଛି । ଅତଃ ମୁଁ ଏହା ଉଚିତ୍ ବୋଲି ମନେକଲି ଯେ, ଆଜି ପୁନଶ୍ଚ ତତ୍‌ସଂକ୍ରାନ୍ତରେ ଅଲ୍ଲାଃତାଲାଙ୍କ ଆଦେଶାବଳୀ, ଆଁହଜରତ ସ.ଅଙ୍କ ଆଦର୍ଶ, ଜମାଅତ୍‌ର ପରମ୍ପରା ଓ ବର୍ଣ୍ଣନାନୁଯାୟୀ ଦୁଇ ପଦ କହିବି । ଯେଉଁଠି ଶୁରାର ମଜାଲିସ୍ ଆରମ୍ଭ ହୋଇଯାଇଛି ସେଠାରେ ଶୁରାର ସଦସ୍ୟବୃନ୍ଦ ମଧ୍ୟ ଏହି କଥାଗୁଡ଼ିକରୁ ଲାଭାନ୍ୱିତ ହୋଇପାରିବେ ଯାହାକି ଶୁରାର ସଦସ୍ୟମାନଙ୍କର ଦାୟିତ୍ୱାବଳୀ ସଂକ୍ରାନ୍ତୀୟ ଅଟେ । ତେଣୁ ଶୁରାର ସଦସ୍ୟମାନଙ୍କୁ ଏକଥା ସ୍ମରଣ ରଖିବା ଉଚିତ୍ ଯେ, କେତେକ ଦାୟିତ୍ୱବଳୀ ମଜ୍‌ଲିସେ ଶୁରାର ସୁପାରିଶ ଏବଂ ଉପସ୍ଥିତ ଖଲିଫାଙ୍କର ଅନୁମୋଦନ କ୍ରମେ ଯାଇ ଆରମ୍ଭ ହୋଇଥାଏ ଓ ସେଗୁଡ଼ିକୁ ସମ୍ପାଦନ କରିବା, ତୁଲାଇବା ତଥା କାର୍ଯ୍ୟକାରୀ କରିବା ତଥା ନିଜ ନିଜର ଭୂମିକା ନିର୍ବହା କରିବା ଇତ୍ୟାଦି କାର୍ଯ୍ୟ ପ୍ରତ୍ୟେକ ଶୁରାରର ସଦସ୍ୟଙ୍କ କାର୍ଯ୍ୟ ଅଟେ ।

ସେ ଯାହା ହେଉ ଉପରୋକ୍ତ ଦାୟିତ୍ୱାବଳୀ ଧ୍ୟାନ ଆକର୍ଷଣ କରିବା ପୂର୍ବରୁ ମୁଁ ଯେଉଁ ଆୟତ୍‌ଟି ର ତିଲାୱତ୍ (ଆବୃତ୍ତି) କରିଅଛି ସେହି ପ୍ରକାଶରେ ମୁଁ କେତେକ କଥା ବର୍ଣ୍ଣନା କରବି ଓ ଆଁହଜରତ ସ.ଅଙ୍କ ଆଦର୍ଶ ଏବଂ ଆପଣ ସ.ଅଙ୍କ ପନ୍ଥା ସଂକ୍ରାନ୍ତରେ ବର୍ଣ୍ଣନା କରିବି । ଉକ୍ତ ଆୟତ୍‌ରେ ଯେଉଁଠି ଉକ୍ତ କଥାର ପୁଷ୍ଟି କରାଯାଇଛି ଯେ, ଆଁହଜରତ ସ.ଅ ଅଲ୍ଲାଃତାଲାଙ୍କ ବିଶେଷ କୃପାରୁ ନିଜ ଜାତିର ସଦସ୍ୟମାନଙ୍କ ସକାଶେ ଅତ୍ୟନ୍ତ ବିନମ୍ର ହୃଦୟ ପ୍ରଦର୍ଶନକାରୀ ଅବତାର ଥିଲେ। ଅନ୍ୟ ପଟରେ ଉକ୍ତ କଥା ପ୍ରତି ମଧ୍ୟ ଅଲ୍ଲାଃତାଲା ଆମମାନଙ୍କୁ ଧ୍ୟାନ ଆକର୍ଷଣ କରିଛନ୍ତି ଓ ମାର୍ଗଦର୍ଶନ କରିଛନ୍ତି ଯେ, ଯେଉଁ ଯୁଗବତାରଙ୍କ ଉପରେ ଆଁହଜରତ ସ.ଅଙ୍କ କାର୍ଯ୍ୟକୁ ଆଗେଇ ନେବା ଏବଂ ଆପଣ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ଆପଣ ସ.ଅଙ୍କ ଦାସତ୍ୱରେ ଆଗମନକାରୀ ପ୍ରତିଶୃତ ମସିହି ଓ ଅଙ୍ଗୀକୃତ ମେହଦୀଙ୍କ ମିଶନକୁ ସଂପୂର୍ଣ୍ଣ କରିବାର ଦାୟିତ୍ୱ ନ୍ୟସ୍ତ ହୋଇଥିଲା, ତାଙ୍କର ଏହି କାର୍ଯ୍ୟ ରହିଛି ଯେ, ପ୍ରେମ, ଅନ୍ତରୀକତା, ବିନମ୍ରତା ପ୍ରଦର୍ଶନ କରନ୍ତୁ। ଅଲ୍ଲାଃତାଲା କୁହନ୍ତି ଯେ, ଯଦି ତୁମେ ବିନମ୍ରତା ପ୍ରଦର୍ଶନ ନକଲ ଓ କ୍ରୁର ହୃଦୟ ପ୍ରଦର୍ଶନ କଲେ ଏବଂ କ୍ରୋଧାନ୍ୱିତ ହୁଅ ତାହାହେଲେ ଏହି ଲୋକମାନେ ତୁମଠାରୁ ଦୂରେଇ ଯିବେ। ଅତଏବ୍ କ୍ଷମା କରିବା ଓ ମୋକ୍ଷ ପ୍ରାପ୍ତି କରିବା ନିମନ୍ତେ ଅଲ୍ଲାଃତାଲା ଆଦେଶ ଦିଅନ୍ତି । ପୁନଶ୍ଚ ତତ୍‌ସହିତ ପରାମର୍ଶ ମଧ୍ୟ କରିବା ନିମନ୍ତେ ଆଦେଶ ଦିଅନ୍ତି ।

ସୁତରାଂ ଉକ୍ତ ନୀତି ଏବଂ ଉକ୍ତ ଶିକ୍ଷାନୁଯାୟୀ ମଜାଲିସେ ଶୁରା ଆୟୋଜନ କରାଯାଇଥାଏ । କିନ୍ତୁ ଯେପରିକି ନାମରୁ ପ୍ରକାଶ୍ୟ ଯେ, ଏହି ମଜାଲିସ୍ ହେଉଛି ପରାମର୍ଶ ଦାତା ମଜ୍‌ଲିସ୍ । ନିଷ୍ପତ୍ତି ବା ନିର୍ଣ୍ଣୟକାରୀ ମଜ୍‌ଲିସ୍ ନୁହେଁ । ସୁତରାଂ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କୁ କହିଲେ, ହେ ମୁହମ୍ମଦ୍ ! ତୁମ୍ଭେ ଯେତେବେଳେ ପରାମର୍ଶ କରିନିଅ ଓ ଯେତେବେଳେ ତୁମ୍ଭେ ଯେଉଁ ନିଷ୍ପତ୍ତି ନେଇ ନିଅ ସେତେବେଳେ ତୁମ୍ଭେ ଅଲ୍ଲାଃତାଲାଙ୍କ ଉପରେ ଭରସା କରି ଉକ୍ତ ପରାମର୍ଶକୁ କାର୍ଯ୍ୟକାରୀ କରାଅ । ଅତଏବ୍ ଅଲ୍ଲାଃତାଲାଙ୍କ ଉପରେ ଯେତେବେଳେ ବିଶ୍ୱାସ ଅଟଳ ହେବ ସେତେବେଳେ ଅଲ୍ଲାଃତାଲା ଏହାର ପରିଣାମ ମଧ୍ୟ ଅତ୍ୟନ୍ତ କଲ୍ୟାଣପ୍ରଦ କରିବେ । ଅଲ୍ଲାଃତାଲାଙ୍କ ଉପରେ ଭରସା ତଥା ବିଶ୍ୱାସର ସର୍ବୋଚ୍ଚ ଉଦାହରଣ ଆଁହଜରତ ସ.ଅଙ୍କ ଅସ୍ତିତ୍ୱରେ ଆମେମାନେ ଦେଖିବାକୁ ପାଇଥାଉ। ଅନେକ ପ୍ରସଙ୍ଗରେ ଆଁହଜରତ ସ.ଅଙ୍କୁ ଅଲ୍ଲାଃତାଲାଙ୍କ ପକ୍ଷରୁ ସିଧା ସଳଖ ମାର୍ଗଦର୍ଶନ ପ୍ରାପ୍ତ ହୋଇଯାଉଥିଲା । କିନ୍ତୁ ବିଶେଷ କରି ସେହି ପ୍ରସଙ୍ଗରେ ଆପଣ ସ.ଅ ଅବଶ୍ୟ ପରାମର୍ଶ ଲୋଡୁଥିଲେ ଯେଉଁଠି ଅଲ୍ଲାଃତାଲାଙ୍କର କୌଣସି ସ୍ପଷ୍ଟ ଆଦେଶ ଉପଲବ୍ଧ ନଥିଲା । ଆପଣ ସ.ଅ.ଙ୍କ ଏପରି କାର୍ଯ୍ୟାନୁସରଣ ଏବଂ ଅଲ୍ଲାଃତାଲାଙ୍କର ଏହି ଆଦେଶ ଆମମାନଙ୍କୁ ଏହା ସୂଚାଇବା ନିମନ୍ତେ ବର୍ଣ୍ଣିତ ହୋଇଛି ଯେ, ଜମାଅତୀୟ ପଦାଧିକାରୀଙ୍କ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସହିତ କିପରି ବ୍ୟବାହର ପ୍ରଦର୍ଶନ କରିବା ଉଚିତ ଏବଂ ସେମାନଙ୍କର ଆଚରଣ କିପରି ରହିବା ଉଚିତ୍ ।

ଆମମାନଙ୍କୁ ପାରସ୍ପାରିକ ପରାମର୍ଶ ଦ୍ୱାରା ମିଳିମିଶି କାର୍ଯ୍ୟ କରିବା ଉଚିତ୍। ଅଲ୍ଲାଃତାଲାଙ୍କର ଏହି ଉପକାର ରହିଛି ଯେ, ଜମାଅତ୍ ଅହେମଦିୟାକୁ ଅଲ୍ଲାଃତାଲା ଖିଲାଫତ୍ ଭଳି ମହତ୍ ଅବଦାନ ପ୍ରଦାନ କରି ପୁରସ୍କୃତ କରିଛନ୍ତି। ଅତଏବ ଉପସ୍ଥିତ ଖଲିଫା ମଧ୍ୟ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଓ ଆଁହଜରତ ସ.ଅଙ୍କ ସୁନ୍ନତ୍ (ପରମ୍ପରା) ଅନୁଯାୟୀ ସଂସାରରେ ପରିବ୍ୟାପ୍ତ ଜମାଅତ୍ ଠାରୁ ସେଠାକାର ପରିସ୍ଥିତି ମୁତାବକ ପରାମର୍ଶ ଲୋଡ଼ିଥାଏ । ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଅଲ୍ଲାଃତାଲା ଯଦି ଚାହିଁ ଥାଆନ୍ତେ ତେବେ ଆଁହଜରତ ସ.ଅଙ୍କ ପ୍ରତ୍ୟେକ ପ୍ରସଙ୍ଗରେ ମାର୍ଗଦର୍ଶନ କରିଦେଇ ଥାଆନ୍ତେ । କିନ୍ତୁ ଆପଣ ସ.ଅଙ୍କୁ କେତେକ ପ୍ରସଙ୍ଗରେ ପରାମର୍ଶର ଆଦେଶ ଦେଇ ଆପଣ ସ.ଅଙ୍କର ସାହାବାମାନଙ୍କ ଠାରୁ କେତେକ ପ୍ରସଙ୍ଗରେ ପରାମର୍ଶ ଲୋଡ଼ିବା ବାସ୍ତବ ପକ୍ଷରେ ଆମମାନଙ୍କୁ ସତ୍‌ମାର୍ଗରେ ପରିଚାଳିତ କରାଇ ପାରସ୍ପାରିକ ସହଯୋଗୀତା ଓ ପରାମର୍ଶ ଦ୍ୱାରା କାର୍ଯ୍ୟ କରିବା ପ୍ରତି ମାର୍ଗଦର୍ଶନ କରିବା ନିମନ୍ତେ ଉଦ୍ଦିଷ୍ଟ ରହିଛି ଓ ଏକ ଜାତି ତଥା ଐକ୍ୟ ମନୋଭାବ ସୃଷ୍ଟି କରିବା ନିମନ୍ତେ ଏହା ଅଭିପ୍ରେତ ଅଟେ ।

ତତ୍‌ସଂକ୍ରାନ୍ତରେ ଏକ ହଦିସ୍ ରହିଛି ଯହିଁରୁ ତତ୍‌ସଂକ୍ରାନ୍ତରେ ସ୍ପଷ୍ଟ ସୂଚନା ପ୍ରାପ୍ତ ହୁଏ । ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ وَشَاوِرْهُمْ فِي الْأَمْرِର ଆୟତ୍ ଅବତୀର୍ଣ୍ଣ ହେଲା ସେତେବେଳେ ଆଁହଜରତ ସ.ଅ କହିଲେ, ଯଦିଓ ଅଲ୍ଲାଃତାଲା ଓ ତାହାଙ୍କର ବାର୍ତ୍ତା ତହିଁରୁ ମୁକ୍ତ ଅଟନ୍ତି କିନ୍ତୁ ଅଲ୍ଲାଃତାଲା ଏହାକୁ ମୋର ସଂପ୍ରଦାୟ ନିମନ୍ତେ ଦୟା ଓ କରୁଣା ବୋଲି ବିବେଚିତ କରିଛନ୍ତି। ସୁତରାଂ ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଅନୁଯାୟୀ ଯେଉଁ ବ୍ୟକ୍ତି ପରାମର୍ଶ କରିବ ସେ ସତ୍‌ମାର୍ଗ ପ୍ରାପ୍ତ କରିନେବ ଏବଂ ସେ ମାର୍ଗଦର୍ଶନରୁ କେବେ ବି ବଞ୍ଚିତ ରହିବ ନାହିଁ ଏବଂ ଯେଉଁ ବ୍ୟକ୍ତି ପରାମର୍ଶ ଲୋଡ଼ିବ ନାହିଁ ସେ ତିରସ୍କାରରୁ ବର୍ତ୍ତି ପାରିବ ନାହିଁ । **(ଅଲ୍ ଜାମେ ଲିଶୋଓବିଲ୍ ଇମାନ୍, ଭାଗ-10, ପୃ-41, ହଦିସ୍ ନଂ-7136, ପ୍ରକାଶନ ସ୍ଥାନ-ମକ୍‌ତବତୁର୍ ରୁଶ୍‌ଦି ନାଶିରୁନା ରିୟାଜ୍-2003 ମସିହା)**

ସୁତରାଂ ଆଁହଜରତ ସ.ଅ ସେହି ପରାମର୍ଶ ଠାରୁ ନିସ୍ପୃହ ଏବଂ ଅନପେକ୍ଷ ଥିଲେ । କିନ୍ତୁ ଏସବୁ ସତ୍ତ୍ୱେ ଆପଣ ସ.ଅ ସାହାବାମାନଙ୍କୁ ଠାରୁ ପରାମର୍ଶ ଲୋଡୁଥିଲେ । କାରଣ ଉମ୍ମତ୍ (ମୁସଲମାନ ଜାତି) ସମ୍ମୁଖରେ ସେ ଏକ ଆଦର୍ଶ ସ୍ଥାପନ କରି ଦିଅନ୍ତୁ ଯଦ୍ଦ୍ୱାରାକି ମୁସଲମାନ ଜାତି ଚିରକାଳ ପାଇଁ ଅଲ୍ଲାଃତାଲାଙ୍କ କରୁଣା ଠାରୁ ଅଂଶ ପ୍ରାପ୍ତ କରୁଥାଉ ଏବଂ ସର୍ବଦା ସତମାର୍ଗ ଏବଂ ମାର୍ଗଦର୍ଶନର ମାର୍ଗ ଉପରେ ଅଗ୍ରସର ହେଉଥାଉ ଓ ତିରସ୍କାରରୁ ବର୍ତ୍ତୁଥାଉ । ଏହା ହେଉଛି ଅଲ୍ଲାଃତାଲାଙ୍କର ବିଶେଷ କୃପା ଓ ଉପକାର ଯେ, ଆମମାନଙ୍କ ମଧ୍ୟରେ ଶୁରାର ବ୍ୟବସ୍ଥା ପ୍ରଚଳିତ ରହିଛି । ସୁତରାଂ ଏହି ଶୁରାର ମର୍ଯ୍ୟାଦାକୁ ନା କେବଳ ପ୍ରତ୍ୟେକ ଅହେମଦିକୁ ହୃଦୟଙ୍ଗମ କରିବା ଉଚିତ୍ ବରଂ ବିଶେଷ କରି ଶୁରାର ପ୍ରତ୍ୟେକ ସଦସ୍ୟକୁ ହୃଦୟଙ୍ଗମ କରିବା ସଙ୍ଗେସଙ୍ଗେ ଅଲ୍ଲାଃତାଲାଙ୍କ କୃତଜ୍ଞତା ପ୍ରକାଶକାରୀ ବ୍ୟକ୍ତି ରୂପେ ପରିଗଣିତ ହେବା ଉଚିତ୍ । କାରଣ ସେ ଆମମାନଙ୍କ ନିମନ୍ତେ ସତ୍‌ମାର୍ଗ ତଥା ମାର୍ଗଦର୍ଶନର ସାଧାନ ସୃଷ୍ଟି କରିଦେଇଛନ୍ତି। ଆଁହଜରତ ସ.ଅ କେଉଁ କେଉଁ ଅବସରରେ ସାହାବାମାନଙ୍କ ଠାରୁ ପରାମର୍ଶ ଲୋଡ଼ିଛନ୍ତି ଏବଂ ଆପଣ ସ.ଅଙ୍କର ପରାମର୍ଶର କେଉଁ କେଉଁ ପନ୍ଥା ରହିଥିଲା ? ତତ୍‌ସଂକ୍ରାନ୍ତରେ ଆମମାନେ ଇତିହାସରୁ ଜାଣିବାକୁ ପାଇଥାଉ । ହୁଜୁର ଅନ୍‌ୱର୍ ଅ.ବ କହିଲେ ସେଥିସଂକ୍ରାନ୍ତରେ ମୁଁ କେତେକ ବର୍ଣ୍ଣନା ବର୍ଣ୍ଣନା କରିଦେଉଛି । ଏହି ପନ୍ଥା ଖୁଲଫାଏ ରାଶିଦିନ୍ (ଚାରି ଖଲିଫା ଅର୍ଥାତ୍ ହ. ଅବୁ ବକର ର.ଅ, ହ. ଉମର୍ ର.ଅ, ହ. ଉସମାନ୍ ର.ଅ, ହ. ଅଲୀ ର.ଅ) ମଧ୍ୟ ଜାରି ରଖିଲେ । ପୁନଶ୍ଚ ସାଂପ୍ରତିକ ଯୁଗରେ ହ. ମସିହ୍ ମଉଦ୍ ଅ.ସ ମଧ୍ୟ ଏହି ପନ୍ଥାକୁ ଆପଣାଇଥିଲେ ଏବଂ ଏହା ଉପରେ କାର୍ଯ୍ୟାନୁସରଣ ମଧ୍ୟ କରିଥିଲେ। ପ୍ରାୟତଃ ପରାମର୍ଶ ନେବା ନିମନ୍ତେ ତିନୋଟି ପନ୍ଥା ବା ଶୈଳୀ ଆମମାନଙ୍କୁ ଦୃଶ୍ୟମାନ ହୋଇଥାଏ । **ପ୍ରଥମତଃ-** ଯେତେବେଳେ ପରାମର୍ଶ ଯୋଗ୍ୟ କୌଣସି ପ୍ରସଙ୍ଗ ଉପସ୍ଥାପିତ ହୁଏ ସେତେବେଳେ ଜଣେ ବ୍ୟକ୍ତି ଏହି ଘୋଷଣା କରିଥାଏ ଯେ, ଲୋକମାନେ ଏକତ୍ରିତ ହୋଇଯାଆନ୍ତୁ । ଅତଃ ଲୋକମାନେ ଏକତ୍ରିତ ହୋଇଯାଆନ୍ତି । ଏହାପରେ ଯେଉଁ ପରାମର୍ଶ୍ ବା ରାୟ ହୋଇଥାଏ ସେଥିସଂକ୍ରାନ୍ତରେ ଆଁହଜରତ ସ.ଅ କିମ୍ବା ଖୁଲଫାମାନେ ନିର୍ଣ୍ଣୟ କରି ଦିଅନ୍ତି । କାରଣ ସେହି ପରାମର୍ଶ ପରେ ଆମମାନଙ୍କର ଏହି ନିର୍ଣ୍ଣୟ ରହିଛି ଓ ଏହିପରି କାର୍ଯ୍ୟକାରୀ କରାଯିବ । ସାଂପ୍ରତିକ ଯୁଗରେ ଆଧିପତିତ୍ୱ ବ୍ୟବସ୍ଥା ପ୍ରଚଳନ ଥିଲା ଅତଃ ପ୍ରାୟତଃ ସଂପ୍ରଦାୟର ଅନେକ ଲୋକମାନେ ଏକତ୍ରିତ ହୋଇଯାଉଥିଲେ। କିନ୍ତୁ ରାୟ ବା ନିଷ୍ପତ୍ତି ଏବଂ ନିର୍ଣ୍ଣୟ ନେବାର ଅଧିକାର କେବଳ ଅଧିପତି କିମ୍ବା ଅମୀର୍‌ମାନଙ୍କର ହିଁ ହେଉଥିଲା । ସେ ଯୁଗର ପ୍ରଥାନୁଯାୟୀ ବିରୋଧୀ ଯଦି ଉତ୍ସାହରେ ଆସି କୌଣସି ରାୟ ଶୁଣାଇ ଦେବା ପାଇଁ ଉଦ୍ୟମ ବି କରୁଥିଲା ତେବେ ଆଁହଜରତ ସ.ଅ କହୁଥିଲେ ଯେ, ନିଜ ଅଧିପତି କିମ୍ବା ଅମୀର୍‌କୁ କୁହ କି ସେ ଆଗକୁ ଆସି ନିଜର ରାୟ (ମତାମତ ରଖନ୍ତୁ ବା ପରାମର୍ଶ ଦିଅନ୍ତୁ) ଦିଅନ୍ତୁ । ତୁମ କଥାର ସେତେଟା କୌଣସି ମହତ୍ତ୍ୱ ଓ ମୂଲ୍ୟ ନାହିଁ। ଅତଏବ୍ ଏହା ଏକ ପନ୍ଥା ଥିଲା । **ଦ୍ୱିତୀୟତଃ-** ଯେଉଁ ଲୋକମାନଙ୍କୁ ଆଁହଜରତ ସ.ଅ ପରାମର୍ଶ ତଥା ମତାମତ ଦେବାର ଅଧିକାରୀ ଏଭଂ ଯୋଗ୍ୟ ବ୍ୟକ୍ତି ବୋଲି ମନେକରୁଥିଲେ ସେହିମାନଙ୍କୁ ହିଁ ଡାକୁଥିଲେ । ସାମୂହିକ ରୂପେ ସମସ୍ତ ଲୋକଙ୍କୁ ଡକାଯାଉ ନଥିଲା । ପୁନଶ୍ଚ ସେହି କେତେକ ମଜଲିସ୍‌ରୁ ହିଁ ପରାମର୍ଶ ନିଆଯାଉଥିଲା । **ତୃତୀୟତଃ-** ଆଁହଜରତ ଯେଉଁଠି ଏହା ଚାହୁଁଥିଲେ ଯେ, ଦୁଇ ଜଣ ବ୍ୟକ୍ତି ଏକତ୍ରିତ ନହୁଅନ୍ତୁ ସେଠାରେ ଆପଣ ସ.ଅ ଭିନ୍ନ ଭିନ୍ନ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ବ୍ୟକ୍ତିଙ୍କୁ ପୃଥକ ପୃଥକ ଡାକି ସେମାନଙ୍କ ଠାରୁ ମତ ତଥା ପରାମର୍ଶ ନେଉଥିଲେ। ଅର୍ଥାତ୍ ପ୍ରଥମେ ଜଣେ ବ୍ୟକ୍ତିଙ୍କୁ ଡ଼ାକୁଥିଲେ ପୁନଶ୍ଚ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଡ଼ାକୁଥିଲେ ।

**(ଖୃତାବାତେ ଶୁରା, ଭାଗ-1, ପୃ-6-7, ମଜ୍‌ଲିସେ ମୁଶାୱିରାତରୁ ଗୃହୀତ)**

ସେ ଯାହା ହେଉ ନା କାହିଁକି ପରାମର୍ଶ ବା ମତାମତ ସଂଗ୍ରହ କରିବାର ଏହି ତିନୋଟି ପନ୍ଥା ରହିଥିଲା ଏବଂ ଖୁଲଫାଏ ରାଶିଦିନ୍‌ମାନେ ମଧ୍ୟ ତଦନୁଯାୟୀ ପରାମର୍ଶ ନେଉଥିଲେ ବା ମତାମତ ଲୋଡ଼ୁଥିଲେ । ଯେପରିକି ବର୍ଣ୍ଣନା ହୋଇସାରିଛି ଯେ, ଆଁହଜରତ ସ.ଅ କହିଲେ ଯେ, ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ସେହି ପରାମର୍ଶ ଠାରୁ ନିସ୍ପୃହ ତଥା ଅନପେକ୍ଷ ଥିଲେ । କିନ୍ତୁ ଏସବୁ ସତ୍ତ୍ୱେ ଆମମାନଙ୍କୁ ଇତିହାସରୁ ଜ୍ଞାତ ହୁଏ ଯେ, ଆପଣ ସ.ଅ ବିଭିନ୍ନ ଅବସରରେ କେବଳ ପରାମର୍ଶ ନେଉଥିଲେ ବା ମତାମତ ଲୋଡ଼ୁଥିଲେ ତାହା ନୁହେଁ ବରଂ ଆପଣ ସ.ଅ ନିଜ ସାହାବାମାନଙ୍କ ଠାରୁ ସର୍ବାଧିକ ପରାମର୍ଶ ନେଉଥିଲେ । ସୁତରାଂ ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଆଁହଜରତ ସ.ଅଙ୍କ ଠାରୁ ଅଧିକ ଅନ୍ୟ କୌଣସି ସାହାବାମାନଙ୍କୁ ପରାମର୍ଶ ଲୋଡ଼ୁଥିବା ଦେଖି ନାହିଁ। **(ସୁନନୁତ୍ ତିର୍ମିଜି, ଅବ୍‌ୱାବୁଲ୍ ଜିହାଦ୍, ବାବ୍ ମା ଯାଆ ଫିଲ୍ ମଶ୍‌ୱିରତି, ହଦିସ୍ ନଂ-1714)**

ଯେପିରିକି ମୁଁ କହିଲି କି ଏହି ସବୁକିଛି ଏଇଥିପାଇଁ ଥିଲା ଯେ, ଯଦି ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଯାହାଙ୍କୁ ଅଲ୍ଲାଃତାଲାଙ୍କ ଠାରୁ ସିଧିସଳକ ସତମାର୍ଗ ପ୍ରାପ୍ତ ସେ ପରାମର୍ଶ ନେଇଥାଆନ୍ତି । ତେବେ ତୁମମାନଙ୍କୁ ପରାମର୍ଶର ପ୍ରାସଙ୍ଗିକତାର ଏବଂ ଗୁରୁତ୍ୱକୁ ଉପଲବ୍ଧି କରିବାର ଆବଶ୍ୟକତା ରହିଛି ତାହା ସହଜେ ଅନୁମେୟ । ହୁଜୁର ଅନୱର୍ ଅ.ବ କହିଲେ: ଆପଣ ସ.ଅଙ୍କ ପରାମର୍ଶର ଏକ ଘଟଣା ବର୍ଣ୍ଣନା କରିଦେଉଛି । ବର୍ଣ୍ଣନାରେ ଉଲ୍ଲେଖ ରିହଛି ଯେ, ହ. ମୁଆଜ୍ ବିନ୍ ଜବଲ୍ ର.ଅ କୁହନ୍ତି; ରସୁଲୁଲ୍ଲାଃ ସ.ଅ ଯେତେବେଳେ ମୋତେ ୟମନ୍ ପ୍ରେରଣ କରିବାର ନିଷ୍ପତ୍ତି ନେଲେ ସେତେବେଳେ ଆପଣ ସ.ଅ ଅନେକ ସାହାବାମାନଙ୍କ ଠାରୁ ପରାମର୍ଶ (ମତାମତ) ସଂଗ୍ରହ କରିଥିଲେ । ସେହି ସାହାବାମାନଙ୍କ ମଧ୍ୟରୁ ହ. ଅବୁ ବକର ର.ଅ, ହ. ଉମର୍ ର.ଅ, ହ. ଉସମାନ୍ ର.ଅସ ହ. ତଲହା ର.ଅ, ହ. ଜୁବୈର୍ ର.ଅ ଆଦି ଅନେକ ସାହାବାମାନେ ଅନ୍ତର୍ଭୁକ୍ତ ଥିଲେ । ହ. ଅବୁ ବକର ର.ଅ କହିଲେ ଯେ, ହୁଜୁର ସ.ଅ ଯଦି ଆମମାନଙ୍କୁ ଠାରୁ ପରାମର୍ଶ ନଲୋଡ଼ି ଥାଆନ୍ତେ ତେବେ ଆମେମାନେ କୌଣସି କଥା କହି ନଥାଆନ୍ତୁ । ଆପଣ ସ.ଅ ଏହା ଶୁଣି କହିଲେ ଯେ, ଯେଉଁ ପ୍ରସଙ୍ଗ ସଂକ୍ରାନ୍ତରେ ମୋ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହୁଏ ନାହିଁ ତତ୍‌ସଂପର୍କରେ ମୁଁ ତୁମମାନଙ୍କ ପରି ଜଣେ ସାଧାରଣ ବ୍ୟକ୍ତି ହୋଇଥାଏ । ହ. ମୁଆଜ୍ ର.ଅ କୁହନ୍ତି: ହୁଜୁର୍ ସ.ଅଙ୍କ ଏହି ଆଦେଶାବଳୀ ଅନୁଯାୟୀ ଆଁହଜରତ ସ.ଅ କହିଲେ ଯେ, ହେ ସାହାବାମାନେ ! ତୁମେମାନେ ମୋତେ ପରାମର୍ଶ ଦିଅ । ହୁଜୁର ସ.ଅ ଯେତେବେଳେ ସାହାବାମାନଙ୍କ ଠାରୁ ପରାମର୍ଶ ନେଉଥିଲେ ସେତେବେଳେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ରାଏ ବର୍ଣ୍ଣନା କଲା ଓ ଏହାପରେ ହୁଜୁର ସ.ଅ କହିଲେ: ହେ ମୁଆଜ୍ ! ତୁମେ କୁହ ତୁମର କ'ଣ ମତାମତ ରହିଛି ? ତେବେ ମୁଁ (ହ. ମୁଆଜ୍ ର.ଅ) କହିଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯାହା ହ. ଅବୁ ବକର ର.ଅଙ୍କ ମତ ବା ପରାମର୍ଶ ରିହଛି ମୋର ମଧ୍ୟ ତଦ୍ରୂପ ମତାମତ ବା ରାୟ ରହିଛି । **(ଅଲ୍ ମୁଉଜିମୁଲ୍ କବିର୍, ଲିତ୍ ତିବ୍ରାନୀ, ଭାଗ-20, ପୃ-67, ହଦିସ୍ ନଂ-124, ପ୍ରକାଶନ ସ୍ଥାନ- ଦାରୁଲ୍ ଅହୟାଉତ୍ ତୁରାସୁଲ୍ ଅରବି ବୈରୁତ୍)**

ଅତଏବ୍ ହ. ମୁଆଜ୍ ର.ଅଙ୍କୁ ମଧ୍ୟ ଆଁହଜରତ ପଚାରିଥିଲେ । ସୁତରାଂ ଯେଉଁଠି ଆଁହଜରତ ସ.ଅଙ୍କ ଏହି ପରିପ୍ରକାଶ ନିଜର ସରଳତା ଓ ପରାମର୍ଶର ମହତ୍ୱତାକୁ ପ୍ରକାଶିତ କରିଥାଏ । ସେଠାରେ ଆମମାନଙ୍କ ନିମନ୍ତେ ମଧ୍ୟ ଉତ୍କୃଷ୍ଟ ଆଦର୍ଶ ରହିଛି ଯେ, ଆମେମାନେ କିପରି ପରାମର୍ଶକୁ ଗୁରୁତ୍ୱ ପ୍ରଦାନ କରିବା ଉଚିତ୍? ସାହାବାମାନଙ୍କର ଉଦାହରଣ ଆମମାନଙ୍କୁ ଏହା ସୂଚାଏ ଯେ, ସେମାନେ ଅର୍ଥାତ୍ ସାହାବାମାନେ ଯେତେବେଳେ ଆଁହଜରତ ସ.ଅଙ୍କ ଆଦେଶକ୍ରମେ ଆଁହଜରତ ସ.ଅଙ୍କୁ ଯେତେବେଳେ କୌଣସି ପରାମର୍ଶ ଏବଂ ମତାମତ ପ୍ରଦାନ କରୁଥିଲେ ସେତେବେଳେ ନିଜର ସାମର୍ଥ୍ୟତା ଏବଂ ନିଜର ଅଭିଜ୍ଞତା ଅନୁଯାୟୀ ଧର୍ମପରାୟଣତାର ମାର୍ଗରେ ପରିଚାଳିତ ହୋଇ ପରାମର୍ଶ ପ୍ରଦାନ କରୁଥିଲେ ।

ପୁନଶ୍ଚ ମଦିନା ପ୍ରବାସ ପରେ ମଧ୍ୟ ଯେତେବେଳେ ମକ୍କାର ଅବିଶ୍ୱାକାରୀମାନେ ମୁସଲମାନମାନଙ୍କର ଶାନ୍ତି ଓ ସୌହାର୍ଦ୍ଦ୍ୟକୁ ଧ୍ୱଂସ ତଥା ଭଙ୍ଗ କଲେ ସେତେବେଳେ ଆପଣ ସ.ଅ ଏହାକୁ ପ୍ରତିହତ କରିବା ନିମନ୍ତେ ସାହାବାମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ଏବଂ ଅନସାରମାନଙ୍କର ଅଧିପତିମାନଙ୍କୁ ମଧ୍ୟ ତହିଁରେ ସାମିଲ୍ କଲେ, ପ୍ରବାସାକାରୀମାନଙ୍କର ଅଧିପତିମାନଙ୍କୁ ମଧ୍ୟ ସାମିଲ୍ କଲେ । ଅତଏବ୍ ପ୍ରବାସକାରୀ ଓ ଅନ୍‌ସାର୍ ଅଧିପତିମାନଙ୍କ ପରାମର୍ଶ କ୍ରମେ ଆପଣ ସ.ଅ ବଦର୍ ଅଭିମୁଖେ ବାହାରିଲେ । ସେହିପରି ପରାମର୍ଶ ସମୟରେ ଅନ୍‌ସାର୍‌ର ଅଧିପତିମାନେ ଯେଉଁ ଅଦମ୍ୟ ନିଷ୍ଠା ଓ ବିଶ୍ୱସ୍ତତାର ଉଦାହରଣ ପ୍ରଦର୍ଶନ କଲେ ଏବଂ ଶପଥ ନେଲେ । ଫଳତଃ ଆଁହଜରତ ସ.ଅ ପ୍ରସନ୍ନତା ଏବଂ ଆତ୍ମସନ୍ତୋଷର ଆବେଗ ପରିପ୍ରକାଶ କଲେ ।**(ସିରତ୍ ଖାତମୁନ୍ ନବୀୟିନ୍ ସ.ଅ, ଲେଖକ-ସାହିବ ଜାଦା ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ଏମ୍.ଏ, ପୃ-35-355ରୁ ଗୃହୀତ)**

ଅତଃ ପରାମର୍ଶ କେବଳ ପରାମର୍ଶ ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ପରାମର୍ଶଦାତାଙ୍କର ବ୍ୟବହାର ଓ ଆଚରଣ ପରାମର୍ଶ ଦେବା ପୂର୍ବରୁ ସର୍ବ ପ୍ରଥମେ ଶୃଙ୍ଖଳିତ ହେବା ସହିତ ପରାମର୍ଶକୁ କାର୍ଯ୍ୟକାରୀ କରିବାର ଶପଥ ନେବାକୁ ପଡ଼ିଥାଏ । ଯଦି କାର୍ଯ୍ୟକାରୀ କରିବାର ଶପଥ ନନିଆଯାଏ ତେବେ ବାସ୍ତବ ପକ୍ଷେ ସେହି ପରାମର୍ଶ ଉପରେ କାର୍ଯ୍ୟକାରୀ କରାଯାଏ ନାହିଁ ବରଂ ତାହା ଲଭଦାୟକ ହୋଇ ନଥାଏ । ଆମେମାନେ ଦେଖିଅଛୁ ଯେ, ସାହାବାମାନେ କିପରି ବଦର୍ ରଣଭୂମିରେ ନିଷ୍ଠା ଓ ବିଶ୍ୱସ୍ତତାର ବ୍ୟବହାରିକ ଆଚରଣ ପରିପ୍ରକାଶ କଲେ । ସାହାବାମାନେ ଯେତେବେଳେ ଆପଣ ସ.ଅଙ୍କୁ ପରାମର୍ଶ ଦେଲେ ସେତେବେଳେ ନିଜର ଜୀବନକୁ ବାଜି ଲଗାଇ ଦେଇଥିଲେ । ସୁତରାଂ ଯେଉଁ ଯେଉଁଠି ଆମ ଶୁରାର ସଦସ୍ୟବୃନ୍ଦମାନେ ଅଛନ୍ତି ସେମାନଙ୍କୁ ସର୍ବଦା ଏହା ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, ସେମାନେ ଯେଉଁଠି ପରାମର୍ଶ ଦେଉଛନ୍ତି ସେଠାରେ ସେମାନେ ସର୍ବପ୍ରଥମେ ନିଜକୁ ଏଥିନିମନ୍ତେ ପ୍ରସ୍ତୁତ କରନ୍ତୁ କି ଆମେମାନେ ଏହି ପରାମର୍ଶ ଉପରେ ପରାମର୍ଶ ଅନୁମୋଦନ ଲାଭ ହେବା ପରେ ଯାଇ କାର୍ଯ୍ୟକାରୀ କରିବୁ କିମ୍ବା ଉପସ୍ଥିତ ଖଲିଫା ଯାହା ନିଷ୍ପତ୍ତି ନେବେ ଆମେମାନେ ସର୍ବ ପ୍ରଥମେ ତାହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବୁ । ଯେତେବେଳେ ନିଜର ବ୍ୟବହାରିକ ଉଦାହରଣ ସ୍ଥାପିତ ହେବ ସେତେବେଳେ ଯାଇ ଜମାଅତ୍‌ର ସଦସ୍ୟବୃନ୍ଦ ପ୍ରସନ୍ନ ସହକାରେ ଏହା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ପ୍ରତ୍ୟେକ ପ୍ରକାରର ବଳିଦାନ ପାଇଁ ନିଜକୁ ଉପସ୍ଥାପିତ କରିବେ। ଶୁରାର ସଦସ୍ୟବୃନ୍ଦମାନଙ୍କୁ ଉକ୍ତ କଥାକୁ ସର୍ବଦା ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ୍ ଯେ, ପ୍ରତ୍ୟେକ ଅହେମଦିର ଖିଲାଫତ୍ ସହିତ ବିଶ୍ୱସ୍ତତା ଓ ଆଜ୍ଞାବହତାର ଶପଥ କରିଛି । ତେବେ ଏଥି ନିମନ୍ତେ ସର୍ବୋଚ୍ଚ ଆଦର୍ଶ ତଥା ଉଦାହରଣ ପଦାଧିକାରୀମାନେ ଓ ଶୁରାର ସଦସ୍ୟମାନଙ୍କୁ ପ୍ରଦର୍ଶନ କରିବାକୁ ପଡ଼ିବ । କାରଣ ଆପଣମାନେ ଏହି ଅନୁଷ୍ଠାନର ସଦସ୍ୟ ରୂପେ ମନୋନୀତ ହୋଇଛନ୍ତି। କାରଣ ଉକ୍ତ ଅନୁଷ୍ଠାନଟି ଖିଲାଫତ୍ ବ୍ୟବସ୍ଥା ଏବଂ ଜମାଅତ୍‌ର ବ୍ୟବସ୍ଥାର ସହାୟକ ଅନୁଷ୍ଠାନ ଅଟେ ।

ଆପଣମାନେ ସର୍ବଦା ଏକଥା ସ୍ମରଣ ରଖନ୍ତୁ ଯେ, ଯେଉଁଠି ଏହି ଆଦେଶ ଖଲିଫା ପାଇଁ ରହିଛି ଯେ, ସେ ଆଁହଜରତ ସ.ଅଙ୍କ ପରମ୍ପରା ଉପରେ ପରିଚାଳିତ ହୋଇ ଧର୍ମର ପ୍ରମୁଖ କାର୍ଯ୍ୟରେ ଜାତିର ଲୋକମାନଙ୍କ ଠାରୁ ପରାମର୍ଶ ଲୋଡ଼ୁ ସେହିପରି ବିନମ୍ରତା ରହିବା ଓ ଦୁଆ କରିବା ନିମନ୍ତେ ମଧ୍ୟ ଆଦେଶ ରହିଛି ସେଠାରେ ଲୋକମାନଙ୍କୁ ମଧ୍ୟ ଏହି ଆଦେଶ ରହିଛି ଯେଉଁ ଲୋକମାନଙ୍କ ଠାରୁ ଏହି ପରାମର୍ଶ ନିଆଯାଇଥାଏ ଯେ, ସେମାନେ ସତ୍‌ଉଦ୍ଦେଶ୍ୟ ହୋଇ ଧର୍ମପରାୟଣତା ମାର୍ଗରେ ପରିଚାଳିତ ହୋଇ ପରାମର୍ଶ ପ୍ରଦାନ କରନ୍ତୁ । ସୁତରାଂ ପରାମର୍ଶଦାତାଙ୍କୁ ସର୍ବଦା ଉକ୍ତ କଥା ସ୍ମରଣ ରଖିବା ଉଚିତ୍ ଯେ, ସେମାନଙ୍କର ପରାମର୍ଶ ପୁଣ୍ୟ ତଥା ସତ୍‌ଉଦ୍ଦେଶ୍ୟ ରଖି ଓ ଧର୍ମପରାୟଣତା ସର୍ବୋଚ୍ଚ ସ୍ତର ଅନୁଯାୟୀ ହେବା ଉଚିତ୍ । ସୁତରାଂ ଏହି ଦୃଷ୍ଟିରୁ ପରାମର୍ଶଦାତାଙ୍କର ଗୁରୁଦାୟିତ୍ୱ ରହିଛି ଯେ, ସେମାନେ ନିଜର ଆତ୍ମ ସମୀକ୍ଷା କରନ୍ତୁ କି ସେମାନଙ୍କର ଧର୍ମପରାୟଣତା ଓ ସତ୍‌ଉଦ୍ଦେଶ୍ୟ କେଉଁ ସ୍ତରର ଅଟେ ? ହ. ଅଲୀ ର.ଅଙ୍କର ଏକ ବର୍ଣ୍ଣନା ଏହି ପର୍ଯ୍ୟନ୍ତ ସ୍ୱଷ୍ଟୀକରଣ ପ୍ରଦାନ କରିଥାଏ । ଆପଣ ର.ଅ କହିଲେ: شَاوِرُوْا الْفُقَهَاءَ وَالْعَابِدِيْنَ **(କନ୍‌ଜୁଲ୍ ଉମ୍ମାଲ, ଭାଗ-3, ପୃ-411, ହଦିସ୍-**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

**7191, ପ୍ରକାଶନ ସ୍ଥାନ- ମୁଓସ୍ସସତୁର୍ ରିସାଲତା, ବୈରୁତ୍-1985)** ଅର୍ଥାତ୍ ବୁଦ୍ଧିମାନ ଓ ଉପାସନାକାରୀ ବ୍ୟକ୍ତିଙ୍କ ଠାରୁ ପରାମର୍ଶ ନେବା ଉଚିତ୍ । ସମସ୍ତଙ୍କ ଠାରୁ ପରାମର୍ଶ ନେବା ଉଚିତ୍ ନୁହଁ ।

ସୁତରାଂ ଶୁରାର ସଦସ୍ୟମାନଙ୍କର ଏହି ସ୍ତର ରହିଛି । ତହିଁରେ ସେହି ଲୋକମାନଙ୍କ ପାଇଁ ମଧ୍ୟ ଉପଦେଶ ଏବଂ ନୀତିଶିକ୍ଷା ରହିଛି ଯେଉଁମାନେ ଶୁରାର ସଦସ୍ୟମାନଙ୍କୁ ଚୟନ କରନ୍ତି ସେଠାରେ ସେମାନେ ଏପରି ଲୋକମାନଙ୍କୁ ଚୟନ କରନ୍ତୁ ଯିଏ ପ୍ରକାଶ୍ୟ ରୂପେ ପରାମର୍ଶ ପ୍ରଦାନ କରିବାର ଅଧିକାରୀ ଅଟନ୍ତି । ଯେଉଁମାନଙ୍କ ନିକଟରେ ଧାର୍ମିକ ଶିକ୍ଷାର ଅଧିକାରୀ ଅଟନ୍ତି ସେମାନଙ୍କ ଉପାସନାର ସ୍ତର ମଧ୍ୟ ଉତ୍ତମ, ଶୃଙ୍ଖଳିତ ଓ ପରିମାର୍ଜିତ ହେବା ଉଚିତ୍ । ଅତଏବ୍ ଯେଉଁଠି ଉକ୍ତ ସ୍ତରକୁ ସମ୍ମୁଖରେ ରଖି ସଦସ୍ୟବୃନ୍ଦ ମନୋନୀତ ବା ନିର୍ବାଚିତ ପ୍ରତିନିଧିମାନଙ୍କର ପରାମର୍ଶରେ ମୁଁ ଦେଖିବାକୁ ପାଇଛି ଯେ, ଏକ ସ୍ପଷ୍ଟ ପାର୍ଥକ୍ୟ ଦୃଶ୍ୟମାନ ହୋଇଥାଏ । ଏହି ଦାୟିତ୍ୱ ସେହି ପ୍ରତିନିଧିମାନଙ୍କର ମଧ୍ୟ ରହିଛି ଯେ, ଯଦି ସୁଧାରଣା ରଖି ଜମାଅତ୍‌ର ସଦସ୍ୟବୃନ୍ଦ କୌଣସି ବ୍ୟକ୍ତିକୁ ଶୁରାର ପ୍ରତିନିଧି ରୂପେ ମନୋନୀତ କରନ୍ତି ତେବେ ସେହି ପ୍ରତିନିଧି ସେମାନଙ୍କର ସୁଧାରଣାକୁ ଅବଶ୍ୟ ପୂରଣ ଏବଂ ସାର୍ଥକ କରୁ । ଗୋଟିଏ ଦିନରେ କିମ୍ବା କିଛି ସପ୍ତାହ ମଧ୍ୟରେ କୌଣସି ଜ୍ଞାନର ସର୍ବୋଚ୍ଚ ସ୍ତର ଓ ଧାର୍ମିକ ଗହ୍ବରତାକୁ ମପା ଯାଇ ପାରିବ ନାହିଁ। କିନ୍ତୁ ଧର୍ମପରାୟଣତା ମାର୍ଗରେ ଅଗ୍ରସର ହୋଇ ନିଜର ମତାମତ ପ୍ରତ୍ୟେକ ପ୍ରକାରର ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି ପ୍ରତ୍ୟେକ ବ୍ୟକ୍ତି ପ୍ରଦାନ କରିପାରିବ । ସେହିପରି ଅଲ୍ଲାଃତାଲାଙ୍କ ଆଗରେ ଆନତ ହୋଇ, ତାହାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରି, ଦୁଆ ସହିତ ଯେଉଁ ଯେଉଁଠି ଶୁରା ଆୟୋଜନ କରାଯାଏ ସେଠାରେ ପ୍ରତିନିଧିମାନଙ୍କୁ ନିଜର ପରାମର୍ଶ ଏବଂ ମତାମତ ପ୍ରଦାନ କରିବା ଉଚିତ୍ । ନା କି କୌଣସି ବକ୍ତାର ବକ୍ତବ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ସଂପର୍କ ଏବଂ ବନ୍ଧୁତ୍ୱର ବାଛ ବିଚାର କରି ନିଜର ମତକୁ ଅନ୍ୟର ମତ ସହିତ ମିଶାଇ ଦେବା ଉଚିତ୍ । ସେହିପରି କୌଣସି ଭୟ କିମ୍ବା ପ୍ରଭାବଶାଳୀ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ନିଜର ମତକୁ ପରିବର୍ତ୍ତନ କରିବା ଅନୁଚିତ୍ ଅଟେ । ବରଂ ବାସ୍ତବତା ଏହିକି ଯେ, ଧର୍ମପରାୟଣତାକୁ ସମ୍ମୁଖରେ ରଖି ଜମାଅତ୍‌ର ହିତ ଏବଂ ସ୍ୱାର୍ଥକୁ ପ୍ରତ୍ୟେକ ବସ୍ତୁ ଉପରେ ଅଗ୍ରାଧିକାର ଦେଇ ଯେତେବେଳେ ମତ ପ୍ରଦାନ କରିବେ ସେତେବେଳେ ଯାଇ ପ୍ରକୃତରେ ସେମାନେ ନିଜ ପ୍ରତିନିଧିତ୍ୱର ଅଧିକାରକୁ ଚରିତାର୍ଥ ଏବଂ ସମ୍ପାଦିତକାରୀ ବ୍ୟକ୍ତି ରୂପେ ବିବେଚିତ ହେବେ । ଏକଥା ସର୍ବଦା ମନେରଖିବା ଉଚିତ୍ ଯେ, ଅଲ୍ଲାଃତାଲା ଅନ୍ତର୍ଯାମୀ ଅଟନ୍ତି ସେ ଆମମାନଙ୍କର ହୃଦୟର କଥାକୁ ଜାଣନ୍ତି ଓ ଆମର ପ୍ରତ୍ୟେକ କାର୍ଯ୍ୟକୁ ମଧ୍ୟ ଦେଖୁଛନ୍ତି । ମୁଁ ଯଦି ତାହାଙ୍କ ପ୍ରସନ୍ନତାକୁ ଦୃଷ୍ଟି ସମ୍ମୁଖରେ ରଖି କାର୍ଯ୍ୟ କରୁ ନାହିଁ ତାହାହେଲେ ମୁଁ ଅଲ୍ଲାଃତାଲାଙ୍କ ରୁଷ୍ଟତାର ପାତ୍ର ଯେପରି ହୋଇ ନଯାଏ । ସେହିପରି ଯେଉଁଠି ଶୁରା ହୋଇଯାଇଛି ସେଠାରେ ଶୁରାର ସଦସ୍ୟମାନେ ନିଜର ଅଧିକାରକୁ କିପରି ନିର୍ବାହ କରିବେ ଯେ, ସେମାନେ ନିଜର ବ୍ୟବହାରିକ ଉଦାହରଣକୁ ସର୍ବଦା ନିଜର ଆଧାତ୍ମିକ ଓ ବ୍ୟବହାରିକ ଅବସ୍ଥା ଉପରେ ଦୃଷ୍ଟି ରଖି ଜୀବନ ଅତିବାହିତ କରିବାର ଶପଥ ନିଅନ୍ତୁ । ଯେଉଁ ନିଷ୍ପତ୍ତି ବା ନିର୍ଣ୍ଣୟ ହୋଇଛି ତାହା ଉପରେ ଧର୍ମପରାୟଣତା ମାର୍ଗରେ ପରିଚାଳିତ ହୋଇ କାର୍ଯ୍ୟାନୁସରଣ କରିବା ଓ କରାଇବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ଆମେମାନେ ଯେତେବେଳେ ନିଜ ମଧ୍ୟରେ ଏହି ଅବସ୍ଥା ସୃଷ୍ଟି କରିଦେବୁ ସେତେବେଳେ ଆମେମାନେ ଅଲ୍ଲାଃତାଲାଙ୍କର କୃପାକୁ ସାଉଁଠିଲା ବ୍ୟକ୍ତି ରୂପେ ବିବେଚିତ ହେବୁ । ଆମର ନିଷ୍ପତ୍ତି ତଥା ନିର୍ଣ୍ଣୟରେ ମଧ୍ୟ ଅଲ୍ଲାଃତାଲା କଲ୍ୟାଣ ପ୍ରଦାନ କରିବେ । ଅନ୍ୟଥା ଆମମାନଙ୍କର ଏକତ୍ରିତ ହେବା ଓ ନିଜର ରାୟ ନିମନ୍ତେ ବଳିଷ୍ଠ ଭାଷଣ ଦେବା ସେହି ସାଂସାରିକ ସାଂସଦମାନଙ୍କ ପରି ହେବ ଯେଉଁଠି ଧର୍ମପରାୟଣତା ଅନ୍ତର୍ଦ୍ଧାନ ହୋଇଯାଇଛି ଏବଂ ଏପରି ନିଷ୍ପତ୍ତି ହୋଇଥାଏ ଯେ, ବେଳେବେଳେ ଚରିତ୍ରକୁ ମଧ୍ୟ ପାଦତଳେ ଦଳିଦିଆଯାଇଥାଏ ଓ ଅଲ୍ଲାଃତାଲାଙ୍କ ଆଦେଶାବଳୀର ମଧ୍ୟ ବିରୁଦ୍ଧାଚରଣ କରାଯାଇଥାଏ । ନିଜ ଦଳୀୟ ସ୍ୱାର୍ଥ ଏବଂ ଅଭିପ୍ରାୟକୁ ସମ୍ମୁଖରେ ରଖାଯାଇଥାଏ। ବେଳେବେଳେ ଏପରି ଭୁଲ ନିଷ୍ପତ୍ତିର ପରିଣାମ ଶୀଘ୍ର ବାହାରି ଆସିଥାଏ ଯାହାକି ଶାନ୍ତି ଓ ସୌହାର୍ଦ୍ଦ୍ୟକୁ କ୍ଷୁର୍ଣ୍ଣ କରିଦେଇଥାଏ । ସେହିପରି ବେଳେବେଳେ ଏହାର ପରିଣାମ ବିଳମ୍ବରେ ମଧ୍ୟ ବାହାରିଥାଏ । କିନ୍ତୁ ତହିଁରେ କଲ୍ୟାଣ ନଥାଏ । ସେ ଯାହା ହେଉ ଏଭଳି ନିଷ୍ପତ୍ତି ତଥା ନିର୍ଣ୍ଣୟ ଯଦି ଅଲ୍ଲାଃତାଲାଙ୍କର ନିୟମ ଏବଂ ଆଦେଶାବଳୀ ବିରୁଦ୍ଧୀୟ ହୁଏ ତାହାହେଲେ ତାହା ଜାତିମାନଙ୍କର ବିନାଶର ମାଧ୍ୟମ ପାଲଟି ଯାଇଥାଏ । ସୁତରାଂ ସାଂସାରିକ ଲୋକମାନଙ୍କର ଅବସ୍ଥାକୁ ଅବଲୋକନ କରି ମଧ୍ୟ ଆମମାନଙ୍କୁ ନିଜ ନିଜ ଅବସ୍ଥାକୁ ଶୃଙ୍ଖଳିତ ଏବଂ ପରିମାର୍ଜିତ କରିବା ପ୍ରତି ଧ୍ୟାନ ଦେବା ଉଚିତ୍ । ଯେପରିକି ମୁଁ କହିଲି ଯେ, ଶୁରାର ସଦସ୍ୟମାନଙ୍କର ପରାମର୍ଶ ଉପସ୍ଥିତ ଖଲିଫାଙ୍କ ନିକଟରେ ଆଗତ ହୋଇଥାଏ ଓ ଉପସ୍ଥିତ ଖଲିଫାଙ୍କ ଆଦେଶ କ୍ରମେ ଏହି ଶୁରା ସଭା ଅନୁଷ୍ଠିତ ହୋଇଥାଏ । ସୁତରାଂ ଏକଥା ସର୍ବଦା ମନେରଖିବା ଉଚିତ୍ ଯେ, ମଜ୍‌ଲିସେ ଶୁରା ଖିଲାଫତ୍‌ର ସହାୟକ ଅନୁଷ୍ଠାନ ଅଟେ । ସେହି ଦୃଷ୍ଟିରୁ ଜମାଅତ୍‌ରେ ଖିଲାଫତ୍ ପରେ ଏହାର ଯଥେଷ୍ଟ ଗୁରୁତ୍ୱ ତଥା ମହତ୍ୱ ରହିଛି । ପ୍ରତ୍ୟେକ ସେହି ସଦସ୍ୟ ଯିଏ ଶୁରା ନିମନ୍ତେ ମନୋନୀତ ହୋଇଥାଏ ସେ ଏକ ବର୍ଷ ପାଇଁ ଶୁରା କମିଟିର ସଦସ୍ୟ ହୋଇଥାଏ। ସେହି ସଦସ୍ୟ ବା ବ୍ୟକ୍ତିକୁ ଶୁରାର ଗୁରୁତ୍ୱତାକୁ ସର୍ବାଦ ନିଜ ସମ୍ମୁଖରେ ରଖିବା ଉଚିତ୍ । ଶୁରାର ଏଜେଣ୍ଡା ଓ ପରାମର୍ଶ ଦ୍ୱାରା ଉପସ୍ଥିତ ଖଲିଫାଙ୍କୁ ସମସ୍ୟାର ସମାଧାନ କରିବାର କାର୍ଯ୍ୟସୂଚୀ ସମ୍ମୁଖକୁ ଚାଲି ଆସିଥାଏ । ବେଳେବେଳେ କେତେକ କଥା ବା ପ୍ରସଙ୍ଗ କୌଣସି ସମସ୍ୟାର ସମାଧାନ ସଂକ୍ରାନ୍ତରେ ବିସ୍ତୃତରେ ବର୍ଣ୍ଣିତ ହୋଇ ନଥାଏ କିମ୍ବା ଶୁରାର ସଦସ୍ୟମାନଙ୍କ ସମ୍ମୁଖରେ ତାହା ଆସି ନଥାଏ । ଫଳତଃ ଉପସ୍ଥିତ ଖଲିଫା ସେହି ପ୍ରସଙ୍ଗଗୁଡ଼ିକୁ କାର୍ଯ୍ୟସୂଚୀ ମଧ୍ୟରେ ଅନ୍ତର୍ଭୁକ୍ତ କରି ନିଅନ୍ତୁ ଓ ଆଉ କେତେକ ସ୍ଥଳେ ମଧ୍ୟ ଏହି ପନ୍ଥା ହୁଜୁର ଅ.ବ ଅବଲମ୍ବନ କରିଥାଆନ୍ତି । ସେ ଯାହା ହେଉ ଶୁରାର ପ୍ରତ୍ୟେକ ସଦସ୍ୟକୁ ଉକ୍ତ କଥାର ପୂର୍ଣ୍ଣ ଅବବୋଧ ହେବା ଉଚିତ୍ ଯେ, ଶୁରାର ଏକ ବିଶେଷ ମହତ୍ୱ ରହିଛି ଓ ଏହି ମହତ୍ୱତା କେବଳେ ତିନି ଦିନ ପାଇଁ ଉଦ୍ଦିଷ୍ଟ ନୁହେଁ । ବରଂ ବର୍ଷସାରା ପାଇଁ ଏହା ଉଦ୍ଦିଷ୍ଟ ଅଟେ । ଯେଉଁ କାର୍ଯ୍ୟପନ୍ଥା ପ୍ରସ୍ତୁତ ହୁଏ ତାହା ଉପରେ କାର୍ଯ୍ୟନୁସରଣକାରୀ ଓ ବ୍ୟବସ୍ଥାପିକାକୁ କାର୍ଯ୍ୟାନୁସରଣ କରିବା ନିମନ୍ତେ ପୂର୍ଣ୍ଣ ସହଯୋଗ କରିବା ନିମନ୍ତେ ଶୁରାର ପ୍ରତ୍ୟେକ ସଦସ୍ୟଙ୍କୁ ଉଦ୍ୟମ କରିବା ଉଚିତ୍। ଶୁରାର ସଦସ୍ୟର ଏହି ଦାୟିତ୍ୱ ରହିଛି ଏବଂ ଯେତେବେଳେ ଏପରି ହେବ ସେତେବେଳେ ଜମାଅତ୍‌ର ଉନ୍ନତିର ଯୋଜନା ସଠିକ୍ ମାର୍ଗରେ ଅଗ୍ରସର ହେବ ଓ ଯୋଜନାକୁ ସଠିକ୍ ରୂପେ କାର୍ଯ୍ୟକାରୀ କରାଯିବ ଓ ସତ୍‌ମାର୍ଗର ଏବଂ ମାର୍ଗଦର୍ଶନର ଯେଉଁ ମିଶନ ହ. ମସିହ୍ ମଉଦ୍ ଅ.ସଙ୍କ ଉପରେ ନ୍ୟସ୍ତ ହୋଇଛି ଆମେମାନେ ତହିଁରେ ମଧ୍ୟ ସହାୟକ ହୋଇପାରିବୁ । ଯଦି ଏପରି ନହୁଏ ତାହାହେଲେ ଶୁରାର ସଦସ୍ୟ ହେବା ମୂଲ୍ୟହୀନ ଅଟେ । ଏଠାରେ ଏହି ଚର୍ଚ୍ଚା ମଧ୍ୟ କରିଦେବି ଯେ, ସଂସାରର ପ୍ରତ୍ୟେକ ଦେଶମାନଙ୍କରେ ଶୁରା ପ୍ରାୟତଃ ସେଠାକାର ଅମୀରଙ୍କ ତତ୍ତ୍ୱାବଧାନରେ ଓ ଅମୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥାଏ ଏବଂ ବେଳେବେଳେ ପରାମର୍ଶଦାତାମାନେ ନିଜ ଭାଷଣରେ ଏପରି ପେପ୍‌ଟକ୍ (ଉତ୍ସାହବାହୀ ଶବ୍ଦ) ପ୍ରୟୋଗ କରନ୍ତି, ଯାହାକି ଶୁରାର ଗାରିମାର ବିରୁଦ୍ଧୀୟ ଅଟେ । ପ୍ରଥମ କଥା ଏହିକି ଯେ, ଶୁରାର ସଦସ୍ୟ ଏବଂ ପ୍ରତିନିଧିମାନେ ଯେତେବେଳେ ନିଜର ରାୟ ବା ମତ ଦେବେ ସେତେବେଳେ ଉତ୍ସାହବାହୀ ଉଦ୍‌ବୋଧନ ପ୍ରଦର୍ଶନ କରିବା ପରିବର୍ତ୍ତେ ଚୈତନ୍ୟ ଅବସ୍ଥାରୁ ମୁକ୍ତ ହୋଇ ଭାଷଣ ତଥା ଉଦ୍‌ବୋଧନ ଦେବା ପରିବର୍ତ୍ତେ, ଆବେଗିକ ଭାଷଣ କରିବା ପରିବର୍ତ୍ତେ ଯଥୋଚିତ ଶବ୍ଦରେ ନିଜର ମତାମତ ବା ପରାମର୍ଶ ଦିଅନ୍ତୁ । କାରଣ ବେଳେବେଳେ ମତ ପ୍ରଦାନକାରୀ ଏମିତି କଥା କହି ଦିଅନ୍ତି ଯେ, ଆମିଲାର ସଦସ୍ୟମାନେ କିମ୍ବା ଅମୀର୍ ଜମାଅତ୍ ଯାହାଙ୍କ ସଭାପତିତ୍ୱରେ ଶୁରା ହେଉଅଛି ସେମାନେ ଏହା ମନେକରନ୍ତି ଯେ, ପରାମର୍ଶଦାତା ସିଧାସଳଖ କିମ୍ବା କାହା ମାଧ୍ୟମରେ ଅବା କାହାର ପ୍ରରୋଚନାରେ ପଡ଼ି ଆମ ବିରୁଦ୍ଧରେ କଥା କହୁଛି । ପୁନଶ୍ଚ ସଦ୍‌ରେ ମଜ୍‌ଲିସ୍ ଭାବରେ କହୁଥିବା ବ୍ୟକ୍ତିକୁ କଟୁ ଶବ୍ଦ କହିବାରୁ ଅଟକାଇ ଦିଆଯାଇଥାଏ, ପାଟି କରି ଦିଆଯାଇଥାଏ । ସୁତରାଂ ସେପରିପ୍ରେକ୍ଷୀରେ ଅମୀରମାନଙ୍କୁ ମଧ୍ୟ ସାହସିକତା ପ୍ରଦର୍ଶନ କରିବା ଉଚିତ୍ । ଏହି ସୁଧାରଣା ରଖିବା ଉଚିତ୍ ଯେ, କହୁଥିବା ବ୍ୟକ୍ତି ଜମାଅତ୍‌ର ସ୍ୱାର୍ଥ ସକାଶେ ଓ ଜମାଅତ୍‌ର ବେଦନା ରଖି ପ୍ରସଙ୍ଗ ଉତ୍ଥାପିତ କରୁଅଛି । ସୁତରାଂ ସେ ଯଦି କୌଣସି କଟୁ ଶବ୍ଦ ପ୍ରୟୋଗ କରିଛି ଅବା ଏପରି ଶବ୍ଦ ବ୍ୟବହାର କରିଛି ଯାହାକି ଶୁରାର ମର୍ଯ୍ୟାଦା ବା ଗାଗରିମା ବିରୁଦ୍ଧୀୟ ଅଟେ ତେବେ ସେପରିପ୍ରେକ୍ଷୀରେ ଉକ୍ତ ବ୍ୟକ୍ତିକୁ ବିନମ୍ରତା ପୂର୍ବକ ତାହାକୁ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ଅଟକାଇ ଦିଅନ୍ତୁ । ଏପରି ଆଚରଣ ପ୍ରଦର୍ଶନ କରନ୍ତୁ ନାହିଁ ଯଦ୍ଦ୍ୱାରା ସନ୍ଦେହ ସୃଷ୍ଟି ହେବ ଯେ, ସଦ୍‌ରେ ମଜ୍‌ଲିସ୍ ଉକ୍ତ ପ୍ରସଙ୍ଗ ବା କଥାକୁ ବ୍ୟକ୍ତିଗତ ସମ୍ମାନର ପ୍ରଶ୍ନ ଏବଂ ପ୍ରସଙ୍ଗ ବୋଲି ମନେ କରିନେଇଛି । ବିଶେଷ କରି ବଜେଟ୍ ପ୍ରସଙ୍ଗରେ ଯେତେବେଳେ ବିତର୍କ ହୁଏ ସେତେବେଳେ ଅଧିକ ଭାବପ୍ରବଣତାର ପରିପ୍ରକାଶ ହୋଇଥାଏ ଏବଂ କେତେକ ଅଧିକାରର ସୁରକ୍ଷା ମଧ୍ୟ ପ୍ରକାଶିତ ହୋଇଯାଇଥାଏ। ସେଭଳି ପରିସ୍ଥିତିରେ ମଧ୍ୟ ସଂପୃକ୍ତ ସଚିବ, ସେକ୍ରେଟାରୀ ମାଲ୍‌କୁ ଓ ସଦ୍‌ରେ ମଜ୍‌ଲିସକୁ ବିନୀତତା ଦ୍ୱାରା କଥା ଶୁଣି ତା'ର ଉତ୍ତର ପ୍ରଦାନ କରିବା ଉଚିତ୍ ଓ ସନ୍ତୁଷ୍ଟି କରାଇ ନେବା ଉଚିତ୍ ଯେ, କିପରି ବଜେଟ୍ ପ୍ରସ୍ତୁତ ହେଲା, କିପରି ଆୟ ରହିଛି, କିପରି ତା'ର ଖର୍ଚ୍ଚ ରହିଛି ? ଏହାକୁ Justify (ନ୍ୟାଯ୍ୟତା ବା ଯଥାର୍ଥତା ପ୍ରତିପାଦନ କରିବା) କିପିର କରାଯାଇଥାଏ । କହୁଥିବା ବ୍ୟକ୍ତି ବା ବକ୍ତା ନିଜ ପକ୍ଷରୁ ଜମାଅତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି କଥା କହିଥାଏ । ତେଣୁ ତା' ପ୍ରତି କୁଧାରଣା ପ୍ରକଟ କରିବା ଅନୁଚିତ ହେବ । ଏହିପରି ଏଜେଣ୍ଡାର ଅନ୍ୟ ପ୍ରସ୍ତାବ ରହିଛି । ତହିଁରେ ବେଳେବେଳେ ଅକାରଣର ବିବାଦରେ ବ୍ୟବସ୍ଥାପକ ଓ ପ୍ରତିନିଧିମାନେ ମଧ୍ୟ ସଂପୃକ୍ତ ହୋଇଯାଆନ୍ତି କିମ୍ବା ସଂପୂର୍ଣ୍ଣ ରୂପେ ନୀରବ ହୋଇ ଏପରି ହୋଇଯାଆନ୍ତି ଯେପରି ବ୍ୟବସ୍ଥା ଜନିତ ଭୟ ଥିବ । ଏହିପରି ଲୋକମାନେ ନିଜ ଅମାନତ୍‌ର ସଠିକ୍ ଦାୟିତ୍ୱ ନିର୍ବାହ କରନ୍ତି ନାହିଁ । ଏଣୁ ନା ବ୍ୟକ୍ତିଗତର ପ୍ରଶ୍ନ ଉଠିବା ଉଚିତ୍ ଓ ନା ହିଁ କୌଣସି ଭୟ ରହିବା ଉଚିତ୍ । ସର୍ବଦା ଏହା ମନେରଖନ୍ତୁ କି ଆମମାନଙ୍କୁ ଅଲ୍ଲାଃତାଲା ଏବଂ ଉପସ୍ଥିତ ଖଲିଫାଙ୍କର ପ୍ରତିନିଧି ବୋଲି ବୁଝନ୍ତି। ଲୋକମାନେ ସତ୍‌ଉଦ୍ଦେଶ୍ୟର ସହିତ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ନିଜର ପ୍ରତିନିଧି ତଥା ପ୍ରାର୍ଥଙ୍କୁ ନିର୍ବାଚିତ କରନ୍ତୁ । ପୁନଶ୍ଚ ସେହି ପ୍ରାର୍ଥୀମାନେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ନିଜର ଅମାନତ୍(ନ୍ୟାସ ବା ସନ୍ତକ)ର ଅଧିକାରକୁ ସମ୍ପାଦିତ କରୁଥିବେ । ଯଦି ଶୁରାର ପ୍ରତିନିଧିମାନେ ନିଜର ଏହି ଅଧିକାରକୁ ପରବର୍ତ୍ତୀ ସମୟରେ ସମ୍ପାଦନ କରୁ ନାହାନ୍ତି ତାହାହେଲେ ସେମାନେ କେବଳ ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ଭରସାକୁ ହାନୀ ପହଞ୍ଚାଉ ନାହାନ୍ତି ବରଂ ଉପସ୍ଥିତ ଖଲିଫାଙ୍କ ସହିତ ନିଜ ନ୍ୟାସର ଅଧିକାରକୁ ସମ୍ପାଦନ ନକରିବା ହେତୁ ବିଶ୍ୱାସଘାତକତା କରୁଛନ୍ତି । କିନ୍ତୁ ଏଠାରେ ଆଉ ଏକ ସ୍ଥିତି ମଧ୍ୟ ହୋଇପାରେ ଯେ, ପ୍ରତିନିଧି ବା ପ୍ରାର୍ଥୀ ଚୟନକାରୀ ବ୍ୟକ୍ତିମାନେ ଧର୍ମପରାୟଣତାକୁ ବିନିଯୋଗ ନକରି ପ୍ରାର୍ଥୀ ଚୟନ କରିଥିବା ହେତୁ, ସଂପର୍କୀୟଙ୍କ ସହିତ ସୁସଂପର୍କ ଯୋଗୁଁ କିମ୍ବା ବନ୍ଧୁତ୍ୱ ତଥା ପ୍ରତିଷ୍ଠାକୁ ଦୃଷ୍ଟିରେ ରଖି ପ୍ରାର୍ଥୀ ବା ପ୍ରତିନିଧି ମନୋନୀତ କରିଥିବେ । ସେ ଯାହା ହେଉ ସେହି ପ୍ରାର୍ଥୀ ଚୟନକାରୀ ବ୍ୟକ୍ତିମାନେ ପ୍ରାର୍ଥୀ ତଥା ଜନ ପ୍ରତିନିଧିମାନଙ୍କୁ ଏଇଥିପାଇଁ ମନୋନୀତ କରିଛନ୍ତି ଯେ, ସେମାନେ ପ୍ରତିନିଧିତ୍ୱତା ଓ ନ୍ୟାସର ସଠିକ୍ ଦାୟିତ୍ୱ ନିର୍ବାହ କରିବେ । ଅତଃ ତହିଁରେ ନା ବ୍ୟକ୍ତିଗତ ସ୍ୱାର୍ଥର ପ୍ରସଙ୍ଗ ରହିବା ଉଚିତ୍ ଓ ନା ହିଁକୌଣସି ପ୍ରକାରର ଭୟ ହେବା ଉଚିତ୍ । ଆପଣମାନେ ସର୍ବଦା ଏହା ବୁଝନ୍ତୁ ଯେ, ଲୋକମାନେ ଆପଣମାନଙ୍କୁ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ମନୋନୀତ କରିଛନ୍ତି । କାରଣ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି ଯେ, تُؤَدُّوا الْأَمَانَاتِ إِلَىٰ أَهْلِهَا **(ଅନ୍ ନିସା:59)** ଅର୍ଥାତ ତୁମେମାନେ ଅମାନତ୍‌କୁ (ନ୍ୟାସ ବା ସନ୍ତକ)କୁ ତାହାର ଯୋଗ୍ୟ ତଥା ଅଧିକାରୀ ବ୍ୟକ୍ତିମାନଙ୍କୁ ହିଁ ଅର୍ପଣ କର । ଖଲିଫା ମଧ୍ୟ ଏହା ହିଁ ବୁଝନ୍ତି ଯେ, ଯେତେବେଳେ ଲୋକମାନେ ସତ୍‌ଉଦ୍ଦେଶ୍ୟ ରଖି ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ ନିଜର ପ୍ରତିନିଧି ମନୋନୀତ କରିଛନ୍ତି ତେବେ ତଦନୁଯାୟୀ ସେ ନିଜର ଅମାନତ୍ (ନ୍ୟାସ ବା ସନ୍ତକ) ଅଧିକାର ସମ୍ପାଦନ କରୁଥିବେ ଏବଂ ଯଦି ଶୁରାର ପ୍ରତିନିଧିମାନେ ନିଜର ଉକ୍ତ ଅର୍ଥାତ୍ ଶୁରାର ଅଧିକାରକୁ ଶୁରାରେ ଓ ଶୁରା ପରେ ସଠିକ୍ ରୂପେ ଦାୟିତ୍ୱ ନିର୍ବାହ କରୁ ନାହାନ୍ତି ତାହାହେଲେ ସେମାନେ ଜମାଅତ୍‌ର ସଦସ୍ୟମାନଙ୍କର ବିଶ୍ୱାସକୁ କେବଳ ଆଘାତ ପହଞ୍ଚାଉ ନାହାନ୍ତି ବରଂ ଉପସ୍ଥିତ ଖଲିଫା ସହିତ ମଧ୍ୟ ନିଜ ଅମାନତର ଅଧିକାରୀ ସମ୍ପାଦିତ ନକରି ଅମାନତର ହନନକାରୀ ବ୍ୟକ୍ତି ରୂପେ ପରିଗଣିତ ହେଉଛନ୍ତି । କିନ୍ତୁ ଏଠାରେ ଆଉ ଏକ ପ୍ରସଙ୍ଗ ମଧ୍ୟ ହୋଇପାରେ ଯେ, କେତେକ ଲୋକମାନେ ଯେଉଁମାନେ ଶୁରାର ପ୍ରତିନିଧିମାନଙ୍କୁ ନିର୍ବାଚିତ କରନ୍ତି ସେମାନେ ଧର୍ମପରାୟଣତାକୁ ଅବଲମ୍ବନ ନକରି ପ୍ରତିନିଧି ମନୋନୀତ କରିଥାଇ ପାରନ୍ତି, ସଂପର୍କୀୟ ତଥା ପରିଜନମାନଙ୍କ ଯୋଗୁଁ କିମ୍ବା ବନ୍ଧୁମାନଙ୍କର ସମ୍ମାନ ତଥା ପ୍ରତିଷ୍ଠା ଯୋଗୁଁ ପ୍ରତିନିଧି ମନୋନୀତ କରିଥାଇ ପାରନ୍ତି । ସେ ଯାହା ହେଉ ଏହି ପ୍ରତିନିଧି ଚୟନକାରୀ ବ୍ୟକ୍ତିମାନେ ନିଜର ଏଭଳି କୃତ୍ୟ ଯୋଗୁଁ ପାପୀ ଏବଂ ଦୋଷୀ ଅଟନ୍ତି । କାରଣ ସେମାନେ ଭୁଲ କାର୍ଯ୍ୟ କରିଛନ୍ତି । ସେମାନେ ଯଦି ସଠିକ୍ ଅଧିକାର (ଅର୍ଥାତ ସଠିକ୍ ପ୍ରତିନଧି ମୋନନୀତ କରି ନାହାନ୍ତି) ସମ୍ପାଦନ କରି ନାହାନ୍ତି ତେବେ ସେମାନଙ୍କୁ ଇସ୍ତିଗ୍‌ଫାର୍ (କ୍ଷମା ଯାଚନା) କରିବା ଉଚିତ୍ । କିନ୍ତୁ ଯେଉଁ ପ୍ରତିନିଧି ଓ ପଦାଧିକାରୀମାନଙ୍କୁ ମଧ୍ୟ ମୁଁ ସାମିଲ କରିଥାଏ ଯେ, ସେମାନେ ଯେତେବେଳେ ମନୋନୀତ ହୋଇଯାଇଛନ୍ତି ଏବଂ ଯଦି ବ୍ୟବହାରିକ, ଆଧ୍ୟାତ୍ମିକ ଅବସ୍ଥାର ସେହି ସ୍ତର ସେମାନଙ୍କ ମଧ୍ୟରେ ନାହିଁ ଯାହା ରହିବା ଉଚିତ୍ ତାହାହେଲେ ସେମାନେ ବର୍ତ୍ତମାନ ଇସ୍ତିଗ୍‌ଫା କରି, ନିଜର ଅବସ୍ଥାରେ ସକାରାତ୍ମକ ପରିବର୍ତ୍ତନର ଶପଥ କରି, ଧର୍ମପରାୟଣତାର ମାର୍ଗ ଉପରେ ପରିଚାଳିତ ହେବା ନିମନ୍ତେ ଆପ୍ରାଣ ଉଦ୍ୟମ କରିବା ସଙ୍ଗେସଙ୍ଗେ ନିଜକୁ ଅମାନତ୍‌ର ଅଧିକାର ସମ୍ପାଦନ କରିବାର ଯୋଗ୍ୟ ବ୍ୟକ୍ତି ରୂପେ ଗଢି ତୋଳିବା ନିମନ୍ତେ ଉଦ୍ୟମ କରନ୍ତୁ ଓ ଯେତେବେଳେ ଏହି ଉଦ୍ୟମ ହେବ ସେତେବେଳେ ଆମେମାନେ ଅଲ୍ଲାଃତାଲାଙ୍କର ଯେଉଁଠି ପ୍ରସନ୍ନତା ପ୍ରାପ୍ତ କରୁଥିବୁ ସେଠାରେ ହ. ମସିହ ମଉଦ୍ ଅ.ସଙ୍କ ମିଶନରେ ଆମମାନେ ସହାୟକ ଏବଂ ଯୋଗଦାନକାରୀ ବ୍ୟକ୍ତି ରୂପେ ବିବେଚିତ ହେବୁ । ନିଜର ବ୍ୟବହାରିକ ଓ ଆଧ୍ୟାତ୍ମିକ ଅବସ୍ଥାକୁ ଆହୁରି ଉତ୍କୃଷ୍ଟ କରିବାକୁ ସକ୍ଷମ ହେବୁ । ଯେପରିକି ମୁଁ କହିଲି କି ପ୍ରତିନିଧିତ୍ୱତାତ 1 ବର୍ଷ ପାଇଁ ପ୍ରଯୁଜ୍ୟ ଓ ଉକ୍ତ ଅବଧି ମଧ୍ୟରେ ବ୍ୟବସ୍ଥାପିକାକୁ ମଧ୍ୟ ସହଯୋଗ କରିବା ଉଚିତ୍ ଏବଂ ବିଚାର ନିଷ୍ପତ୍ତିରେ ସ୍ୱୟଂ ମଧ୍ୟ କାର୍ଯ୍ୟାନୁସରଣ କରିବା ଓ ଅନ୍ୟମାନଙ୍କୁ ଏହା ଉପରେ କାର୍ଯ୍ୟାନୁସରଣ କରାଇବା ପ୍ରତି ପ୍ରୋତ୍ସାହିତ ମଧ୍ୟ କରିବା ଉଚିତ୍ ।

ଉକ୍ତ କଥାର ପ୍ରାପ୍ତ କରିବା ନିମନ୍ତେ ସର୍ବଦା ନିରୀକ୍ଷଣ କରୁଥାଆନ୍ତୁ । କାରଣ ଆପଣଙ୍କ ଜମାଅତ୍‌ରେ ଏହା ଉପରେ କାର୍ଯ୍ୟାନୁସରଣ ହେଉଛି ଅବା ନୁହେଁ। ଯଦି ହେଉଛି ତାହାହେଲେ କେଉଁ ପର୍ଯ୍ୟନ୍ତ କାର୍ଯ୍ୟାନୁସରଣ ହେଉଛି ଏବଂ ଉପସ୍ଥିତ ଖଲିଫା ଯେଉଁ ନିର୍ଣ୍ଣୟ ଶୁଣାଇଥିଲେ ତଦନୁଯାୟୀ କାର୍ଯ୍ୟକାରୀ ହେଉଛି ତ' ? ଅତଏବ୍ ଆପଣମାନେ ଏହିପରି ଭାବରେ ଉପସ୍ଥିତ ଖଲିଫାଙ୍କର ସହାୟକ ହେବେ । ବେଳେବେଳେ ଏହା ଦେଖିବାକୁ ମିଳିଛି ଯେ, ଜମାଅତ୍‌କୁ ଯାଇ ପଦାଧିକାରୀମାନେ ଆଳସ୍ୟର ଶିକାର ହୋଇ ଯାଆନ୍ତି ଏବଂ ଯେଉଁ ନିଷ୍ପତ୍ତି ଗ୍ରହଣ କରାଯାଇଥାଏ ତାହା ଉପରେ କାର୍ଯ୍ୟାନୁସରଣ କରାଯାଇ ନଥାଏ । ସୁତରାଂ ଏହିଭଳି ପରିସ୍ଥିତିରେ ଶୁରାର ପ୍ରକତିନିଧିମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, କେବଳ ଜମଅତ୍‌ର ସଦସ୍ୟବୃନ୍ଦଙ୍କୁ ହିଁ ଧ୍ୟାନ ଦେବାକୁ କୁହା ନଯାଉ ବରଂ ପଦାଧିକାରୀମାନଙ୍କୁ ମଧ୍ୟ ସେମାନଙ୍କ ଦାୟିତ୍ୱ ପ୍ରତି ଧ୍ୟାନ ଆକର୍ଷଣ କରିବା ଉଚିତ୍ । ଏହା ସତ୍ତ୍ୱେ ବି ଯଦି ଧ୍ୟାନ ଦେବା ପ୍ରତି ଦୃଷ୍ଟି ଆକର୍ଷିତ ହେଉ ନାହିଁ ଓ ପ୍ରସ୍ତାବ ଉପରେ ଏହିପରି କାର୍ଯ୍ୟାନୁସରଣ ହେଉ ନାହିଁ ଯେପରି ହେବା ଉଚିତ୍ ତାହାହେଲେ ଆପଣମାନେ ମର୍କଜ୍‌କୁ ପତ୍ର ଲେଖନ୍ତୁ । ଏହିପରି ଭାବରେ ଅନେକ ପଦାଧିକାରୀମାନେ ଶୁରାର ସଦସ୍ୟ ଅଟନ୍ତି । ସେମାନଙ୍କର କେବଳ ଏହି କାର୍ଯ୍ୟ ନୁହେଁ ଯେ, ସେମାନେ ନିଜ ବିଭାଗର କାର୍ଯ୍ୟକୁ ତଦାରଖ କରନ୍ତୁ । ବରଂ ଶୁରାର ପ୍ରସ୍ତାବ ଏବଂ ଉପସ୍ଥିତ ଖଲିଫାଙ୍କର ନିର୍ଣ୍ଣୟର ଅବମାନନା ତଥା କାର୍ଯ୍ୟାନୁସରଣ ନକରିବା ହେତୁ ସେମାନେ ଏହାକୁ ଗୁରୁତର ସହିତ ନେବା ଉଚିତ୍ । ସେମାନଙ୍କର ପକ୍ଷେ ଏହା ଉଚିତ୍ ହେବ ଯେ, ସେମାନେ ନିଜର ବିଭାଗ ହେଉ ଅବା ଅନ୍ୟ ବିଭାଗ, ସଂପୃକ୍ତ ପଦାଧିକାରୀ ଏବଂ ଅମୀରଙ୍କ ଧ୍ୟାନ ଆକର୍ଷଣ କରନ୍ତୁ । ମଜ୍‌ଲିସେ ଆମିଲାରେ ମଧ୍ୟ ଉକ୍ତ ପ୍ରସଙ୍ଗକୁ ଉପସ୍ଥାପିତ କରିବା ଉଚିତ୍ । ଅନ୍ୟଥା ଏପରି ପଦାଧିକାରୀମାନେ ଏବଂ ପ୍ରତିନିଧିମାନେ ମଧ୍ୟ ନିଜ ଅମାନତ୍‌ର (ନ୍ୟାସ ବା ସନ୍ତକ)ର ସଠିକ୍ ଦାୟିତ୍ୱ ନିର୍ବାହ କରୁ ନାହାନ୍ତି । ଏହି ସଂସାରରେ ତ' ଆଳ କରି ବର୍ତ୍ତିଯିବେ, କିନ୍ତୁ ସ୍ମରଣ ରଖନ୍ତୁ ଯେ, ଅଲ୍ଲାଃତାଲାଙ୍କ ଠାରୁ କୌଣସି କଥା ଅଦୃଶ୍ୟ ହୋଇ ରହି ନାହିଁ । ଅମାନତ୍ ସମ୍ପାଦନ କରିବା ସଂକ୍ରାନ୍ତରେ ସେ ଆମକୁ ଅବଶ୍ୟ ପ୍ରଶ୍ନ କରିବେ । ସୁତରାଂ ଏହା ଅତ୍ୟନ୍ତ ଚିନ୍ତାଜନକ ବିଷୟ ଅଟେ। ଆମମାନଙ୍କୁ ଉକ୍ତ କଥା ଉପରେ ଗର୍ବିତ ହେବା ଅନୁଚିତ୍ ଯେ, ଆମେମାନେ ଶୁରାର ପ୍ରତିନିଧି ଅଟୁ କିମ୍ବା ପଦାଧିକାରୀ ଅଟୁ । ବରଂ ଆପଣମାନଙ୍କ ମଧ୍ୟରୁ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ପ୍ରତ୍ୟେକ ପ୍ରତିନିଧି ଓ ପ୍ରତ୍ୟେକ ପଦାଧିକାରୀଙ୍କୁ ଚିନ୍ତା କରିବା ଉଚିତ୍ । ଯେପରିକି ମୁଁ କହିଲି, ଯଦି ଜମାଅତ୍‌ମାନଙ୍କର ପଦାଧିକାରୀମାନଙ୍କର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ ଶୁରାର ନିଷ୍ପତ୍ତି ତଥା ପ୍ରସ୍ତାବ ଉପରେ କାର୍ଯ୍ୟାନୁସରଣ କରାଯାଉ ନାହିଁ । ଅର୍ଥାତ ପ୍ରତିନିଧିମାନେ ଉଦ୍ୟମ କରୁଛନ୍ତି ଏବଂ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ ଏହା ଉପରେ କାର୍ଯ୍ୟାନୁସରଣ କରନ୍ତି ନାହିଁ ତାହାହେଲେ ଆପଣମାନେ ମର୍କଜ୍‌କୁ ଅବଗତ କରନ୍ତୁ । କେତେକ ଲୋକମାନେ ଏହା ଉପରେ ବର୍ତ୍ତମାନ ମଧ୍ୟ କାର୍ଯ୍ୟାନୁସରଣ କରୁଛନ୍ତି । ଏହା ନୁହେଁ ଯେ, ଏହା ଉପରେ କାର୍ଯ୍ୟାନୁସରଣ କରାଯାଉ ନାହିଁ । କେତେକ ଲୋକମାନେ ଏହା ଉପରେ କାର୍ଯ୍ୟାନୁସରଣ କରୁଛନ୍ତି । ଯଦି ପଦାଧିକାରୀମାନେ ଏହା ଉପରେ କାର୍ଯ୍ୟାନୁସରଣ କରୁ ନାହାନ୍ତି ତାହାହେଲେ ମର୍କଜ୍‌କୁ ସୂଚିତ କରନ୍ତୁ । କିନ୍ତୁ ପ୍ରାୟତଃ ସେତେବେଳେ ଏହି କଥା କହିଥାଆନ୍ତି ଯେ, ଯେତେବେଳେ କୌଣସି ପଦାଧିକାରୀ ସହିତ ବ୍ୟକ୍ତିଗତ ବୈମନସ୍ୟ, ମନୋମାଳିନ୍ୟ ହେତୁ ବିବାଦ ଏବଂ ମତାନ୍ତର ସୃଷ୍ଟି ହୋଇଥାଏ । ଏହି ପନ୍ଥା ଧର୍ମପରାୟଣ ପନ୍ଥା ନୁହେଁ । ଯଦି ଧର୍ମପରାୟଣତାକୁ ବିନିଯୋଗ କରି ଶୁରରା ପ୍ରତ୍ୟେକ ପ୍ରତିନିଧି ଏବଂ ପ୍ରତ୍ୟେକ ପଦାଧିକାରୀମାନେ ପ୍ରସ୍ତାବ ଉପରେ କାର୍ଯ୍ୟାନୁସରଣ କରିବା ପ୍ରତି ଉଦ୍ୟମ କରନ୍ତି ତାହାହେଲେ କେବେ ବି ଏହିଭଳି ପରିସ୍ଥିତି ଏବଂ ଏହିପରି ସମସ୍ୟା ଉପୁଜିବ ନାହିଁ ଯେ, ସେହି ପ୍ରସ୍ତାବଟି ପୁନଃ ଆଗାମୀ ବର୍ଷ କିମ୍ବା ଦୁଇ ତିନି ବର୍ଷ ପରେ ଉପସ୍ଥାପିତ ହେବା ନିମନ୍ତେ ଆସିଯାଉ। ଦ୍ୱିତୀୟ ଥର ଉପସ୍ଥାପିତ ହେବା ଅର୍ଥ ଏହିକି ଯେ, ସେହି ପ୍ରସ୍ତାବ ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରାଯାଇ ନାହିଁ ଅବା ଯେପରି କାର୍ଯ୍ୟାନୁସରଣ ହେବାର ଆବଶ୍ୟକତା ଥିଲା ସେହିପରି ହୋଇ ନାହିଁ । ସୁତରାଂ ଏହିପରି ଜମାଅତ୍‌ମାନଙ୍କର ଓ ପଦାଧିକାରୀମାନଙ୍କୁ ଭାବିବା ଉଚିତ୍ ଯେ, କ'ଣ ଉକ୍ତ ପନ୍ଥାଟି ଧର୍ମପରାୟଣ ମାର୍ଗ ଉପରେ ପରିଚାଳିତ ହେବା ଓ ନିଜର ଅମାନତ୍‌ର ଅଧିକାରକୁ ସମ୍ପାଦନ କରିବାର ଦାୟିତ୍ୱ ଅଟେ କି ? କ'ଣ ଏହା ଖିଲାଫତ୍ ପ୍ରତି ଆଜ୍ଞାବହତା ଓ ବିଶ୍ୱସ୍ତା ପ୍ରଦର୍ଶନ କରିବା ତଥା ଶପଥକୁ ପୂର୍ଣ୍ଣ କରିବାର ପନ୍ଥା ଅଟେ କି ? ଦେଶ ମଧ୍ୟରେ ଯେଉଁ ଜମାଅତ୍‌ମାନେ ରହିଛନ୍ତି ସେମାନେ ମର୍କଜ୍‌କୁ ଏହିପରି ପ୍ରସ୍ତାବ ସେତେବେଳେ ପ୍ରେରଣ କରିଥାଆନ୍ତି ଯେତେବେଳେ ସେମାନେ ଏହା ଅବଲୋକନ କରନ୍ତି ଯେ, ହୁଜୁର ଅ.ବଙ୍କ ଦ୍ୟାରା ଅନୁମୋଦିତ ଓ ନିର୍ଣ୍ଣିତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉ ନାହିଁ । ଯଦି ବି କାର୍ଯ୍ୟାକାରୀ କରାଯାଉଛି ଓ ଜମାଅତ୍‌ର ପ୍ରତ୍ୟେକ ସ୍ତରରେ ନିରୀକ୍ଷଣ କରାଯାଉଛି ଯେ, କେଉଁ ସ୍ତର ପର୍ଯ୍ୟନ୍ତ କାର୍ଯକାରୀ କରାଯାଉଛି ତାହାହେଲେ ପ୍ରସ୍ତାବ ଦ୍ୱିତୀୟ ଥର ବା ପୁନଃ ଉପସ୍ଥାପିତ ହେବାର ପ୍ରଶ୍ନ ଉଠୁ ନାହିଁ ଓ ନା ହିଁ ଦେଶରେ ଥିବା କେନ୍ଦ୍ରକୁ ଉକ୍ତ ପ୍ରସ୍ତାବକୁ ଉପସ୍ଥିତ ଖଲିଫାଙ୍କ ନିକଟକୁ ସୁପାରିଶ କ୍ରମେ ପ୍ରେରଣ କରିବାର ଆବଶ୍ୟକତା ପଡ଼ି ନଥାଆନ୍ତା । କାରଣ ଉକ୍ତ ପ୍ରସ୍ତାବଟି ଗତବର୍ଷ କିମ୍ବା ଦୁଇ ବର୍ଷ ତଳେ ଆଗତ ହୋଇସାରିଛି । ଅତଃ ଏହାକୁ ଶୁରାରେ ଉପସ୍ଥାପିତ କରିବା ନିମନ୍ତେ ସୁପାରିଶ୍ କରାଯାଇ ନଥାଏ । ଏହି ଉତ୍ତର ପ୍ରଦାନ କରି ଦେଶସ୍ଥ କେନ୍ଦ୍ରୀୟ ବ୍ୟବସ୍ଥାକୁ ଲଜ୍ଜିତ ଭାବ ପ୍ରକାଶ କରି ଏହା ଉଲ୍ଲେଖ କରିବା ଉଚିତ୍ ଯେ, ଆମେମାନେ ଏଥିପାଇଁ ଅନୁତପ୍ତ ଓ ଲଜ୍ଜିତ କି ଆମେମାନେ ଏହାକୁ କାର୍ଯ୍ୟକାରୀ କରାଇ ପାରିଲୁ ନାହିଁ । ବର୍ତ୍ତମାନେ ଆମେ ଏହାକୁ କାର୍ଯ୍ୟକାରୀ କରିବୁ । ଯଦି ଆମେମାନେ କାର୍ଯ୍ୟକାରୀ କରାଇ ପାରିଲୁ ନାହିଁ ତାହାହେଲେ ଆମେମାନେ ଦୋଷୀ ବିବେଚିତ ହେବୁ ଏବଂ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ତର୍ଭୁକ୍ତ ହେବୁ ଯେଉଁମାନେ ନିଜ ଅମାନତ୍‌ର ଅଧିକାର ତଥା ଦାୟିତ୍ୱକୁ ସମ୍ପାଦନ କରୁ ନାହାନ୍ତି । ସୁତରାଂ ସେମାନେଙ୍କୁ ଲିଖିତ ଆକାରରେ ଏହି ସ୍ପଷ୍ଟୀକରଣ ପ୍ରଦାନ କରିବା ଉଚିତ୍ ଯେ, ଅତ୍ୟନ୍ତ ବିନମ୍ରତାର ସହିତ ଆମେମାନେ କ୍ଷମାପ୍ରାର୍ଥୀ ଅଟୁ କି ଆମେମାନେ ଉକ୍ତ ପ୍ରସ୍ତାବକୁ ଚଳିତ ବର୍ଷ ଉପସ୍ଥାପିତ ନକରିବା ନିମନ୍ତେ ସୁପାରିଶ କରିଛେ । ଯେତେବେଳେ ଏପରି କରିବେ ତାହାହେଲେ କର୍ତ୍ତବ୍ୟବୋଧ ପ୍ରତି ସଚେତନାତ ଅବଶ୍ୟ ସୃଷ୍ଟି ହେବ । ଅନ୍ତତଃ ବ୍ୟବସ୍ଥାପିତ ଓ ପ୍ରତିନିଧିମାନଙ୍କୁ ଏହା ଅବବୋଧ ହେବ ଯେ, ସେମାନେ ବଡ଼ ବଡ଼ କାର୍ଯ୍ୟପନ୍ଥା ତିଆରି କରି ଉପସ୍ଥିତ ଖଲିଫାଙ୍କ ନିକଟରେ ଉପସ୍ଥାପିତ କରିଥାଆନ୍ତି ଯେ, ଆମେମାନେ ଏପରି କିରଦେବୁ ସେପରି କରିଦେବୁ, କିନ୍ତୁ ସେମାନେ ଏହାକୁ କାର୍ଯ୍ୟକାରୀ କରନ୍ତି ନାହିଁ । ତେଣୁ ସେମାନେ ଦୋଷୀ ଅଟନ୍ତି ଏବଂ ଉପସ୍ଥିତ ଖଲିଫାଙ୍କର ବିଶ୍ୱାସକୁ ସେମାନେ ଆଘାତ ପହଞ୍ଚାଇ ଥାଆନ୍ତି। ସୁତରାଂ ଏହି ଦୃଷ୍ଟିରୁ ଯେଉଁଠି ସାମୂହିକ ଭାବରେ ଆତ୍ମସମୀକ୍ଷା ହେଉଥିବ ସେଠାରେ ବ୍ୟକ୍ତିଗତ ରୂପେ ମଧ୍ୟ ପଦାଧିକାରୀମାନେ ଓ ଶୁରାର ପ୍ରତିନିଧିମାନେ ମଧ୍ୟ ନିଜ ନିଜର ଆତ୍ମ ସମୀକ୍ଷା କରନ୍ତୁ ଓ ଇସ୍ତିଗ୍‌ଫାର କରନ୍ତୁ । ପୁନଶ୍ଚ ଏହାକୁ କାର୍ଯ୍ୟକାରୀ ନକରିବାର କାରଣଗୁଡ଼ିକ ସଂକ୍ରାନ୍ତରେ ମଧ୍ୟ ପ୍ରତ୍ୟେକ ସ୍ତରରେ ଜାଣିବା ପାଇଁ ଉଦ୍ୟମ କରାଯିବା ଉଚିତ୍ । ସୁତରାଂ ଏହି ଆତ୍ମ ସମୀକ୍ଷା ହିଁ ଜମାଅତୀୟ ବ୍ୟବସ୍ଥାକୁ ସଠିକ୍ ମାର୍ଗରେ ପରିଚାଳିତ କରାଇ ପାରିବ । ଅନ୍ୟଥା ବାଚିକ କଥା କୌଣସି ଲାଭ ଦେଇପାରିବ ନାହିଁ । ଦେଶ ମଧ୍ୟରେ ଏହି ସମୀକ୍ଷା ମଧ୍ୟ କରିବା ଉଚିତ୍ ଯେ, କେତେକ Active (ସକ୍ରିୟ) ଜମାଅତ୍‌ମାନେ ଯଦି ଶତ ପ୍ରତିଶତ ନୁହେଁ ତେବେ ସତୁରି ପ୍ରତିଶତ ପ୍ରସ୍ତାବ ଉପରେ କାର୍ଯ୍ୟାନୁସରଣ କରି ନିଅନ୍ତି ଏବଂ ପୁର୍ଣ୍ଣ ମନଯୋଗପୂର୍ବକ ଏହାକୁ କାର୍ଯ୍ୟାକାରୀ କରାନ୍ତି ଯେ, ଉପସ୍ଥିତ ଖଲିଫାଙ୍କ ଦ୍ୱାରା ଅନୁମୋଦିତ ଲାଭ କଲାପରେ ଯାଇ ଆମମାନଙ୍କୁ ଏହି କାର୍ଯ୍ୟପନ୍ଥା ପ୍ରାପ୍ତ ହୋଇଛି ଓ ଆମେମାନେ ଉପସ୍ଥିତ ଖଲିଫାଙ୍କର ବିଶ୍ୱାସ ତଥା ଭରସାକୁ ଭଙ୍ଗି ପାରିବୁ ନାହିଁ । ତେବେ ଏହା ଜାଣିବା ଉଚିତ୍ ଯେ, ସେମାନଙ୍କ ମଧ୍ୟରେ ଏମିତି କେଉଁ ଉତ୍ସାହ ଓ ଆବେଗ ରହିଛି ଯାହା ଅଧୀନ ସେହି ଜମାଅତ୍‌ର ସଦସ୍ୟମାନଙ୍କ ମଧ୍ୟରେ ଏକ ବିପ୍ଳବ ସୃଷ୍ଟି ହୋଇଛି । ଏହିଭଳି କାର୍ଯ୍ୟ କେବଳ ଜମାଅତ୍‌ର ପଦାଧିକାରୀମାନଙ୍କର ଦୁର୍ବଳ ଜମାଅତ୍ ସହିତ ମିଟିଂ ନକରାଯାଉ। ବରଂ ମର୍କଜି ପଦାଧିକାରୀଙ୍କ ସହିତ ମିଟିଂର ଆୟୋଜନ କରାଯାଉ ଓ ସେହି ଅଭିଜ୍ଞତା ଓ ଅନୁଭବ ଠାରୁ ଲାଭାନ୍ୱିତ ହୁଅନ୍ତୁ । ଯଦି କୌଣସି ସ୍ଥାନରେ ଗୋଟିଏ ଜମାଅତ୍ ମଧ୍ୟ ସକ୍ରିୟ, ନିଜର ବ୍ୟବହାରିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଭରପୁର ରୂପେ କାର୍ଯ୍ୟକାରୀ କରାଇବା ନିମନ୍ତେ ଉଦ୍ୟମରତ ତାହାହେଲେ ଦଶଟି ଅନ୍ୟ ଜମାଅତ୍‌ମାନଙ୍କୁ ନିଜର ପନ୍ଥାକୁ ଶେୟାର୍ (ଆଦାନ ପ୍ରଦାନ) କିରବା ଦ୍ୱାରା ଲାଭ ପହଞ୍ଚାଇ ପାରିବ । କିନ୍ତୁ କଥା କେବଳ ଏତିକି ଯେ, ଯଦି କେନ୍ଦ୍ରୀୟ ବ୍ୟବସ୍ଥାରେ ପ୍ରତ୍ୟେକ ସେକ୍ରେଟାରୀ (ସଚିବ) ଓ ପଦାଧିକାରୀ ଏବଂ ଶୁରାର ପ୍ରତିନିଧିମାନେ ନିଜ ନିଜର ଭୂମିକା ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ସମ୍ପାଦନକାରୀ ବ୍ୟକ୍ତି ରୂପେ ବିବେଚିତ ହୁଅନ୍ତୁ । ତେବେଯାଇ ଏପରି ସମ୍ଭବ ହୋଇପାରିବ । କେତେକ ଜମାଅତ୍‌ମାନଙ୍କରେ କିମ୍ବା ଦେଶମାନଙ୍କରେ ଏହି ସମୀକ୍ଷା ମଧ୍ୟ କରାଯାଇଛି ଓ ଏହାର ଲାଭ ମଧ୍ୟ ହୋଇଛି । କାରଣ ବିଗତ ତିନି ବର୍ଷ ମଧ୍ୟରେ ଶୁରାର ଯେଉଁ ଯେଉଁ ନିଷ୍ପତ୍ତି ନିଆଯାଇଛି ତାହାକୁ କେଉଁ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇଛି ଓ କାର୍ଯ୍ୟକାରୀ କରାଯାଉଛି । ପୁନଶ୍ଚ ସେମାନେ ଏହାର ତ୍ରୈମାସିକ ସମୀକ୍ଷା ରିପୋର୍ଟ ମର୍କଜକୁ ପ୍ରେରଣ କରୁଛନ୍ତି । ସେମାନଙ୍କ ମଧ୍ୟରେ ଏହି ଭାବନା ରହିଛି ଯେ, ଆମେମାନେ କେବଳ ଏହା କହି ବସିଯିବୁ ନାହିଁ ଯେ, ଉକ୍ତ ପ୍ରସ୍ତାବ ଦୁଇ ବର୍ଷ ପୂର୍ବେ ଉପସ୍ଥାପିତ ହୋଇସାରିଛି । ଅତଃ ଉପସ୍ଥାପିତ ହେବ ନାହିଁ । ବରଂ ମର୍କଜ୍‌କୁ ଏହି ରୋପୋର୍ଟ ଦେବା ଉଚିତ୍ ଯେ, ଆମେମାନେ ଉକ୍ତ କାର୍ଯ୍ୟପନ୍ଥା ଉପରେ କାର୍ଯ୍ୟାନୁସରଣ କରି ନିଜର ଲକ୍ଷ୍ୟକୁ ପ୍ରାପ୍ତ କରିନେଇଛୁ ଓ ଅତିରିକ୍ତ ଉଦ୍ୟମ ଅବ୍ୟାହତ ରିହଛି ।

ଏହା ଦ୍ୱାରା ଏହିପରି ଜମାଅତ୍‌ମାନଙ୍କର କର୍ତ୍ତବ୍ୟବୋଧ ପ୍ରତି ସଚେତନତା ବୃଦ୍ଧି ପାଇବ । ଆମେମାନେ କେବଳ କଥା ଦ୍ୱାରା ସଂସାର ଜିଣି ପାରିବୁ ନାହିଁ। ଏଥିପାଇଁ କାର୍ଯ୍ୟାନୁସରଣ ମଧ୍ୟ ଏକାନ୍ତ ଅପରିହାର୍ଯ୍ୟ ଓ ଆବଶ୍ୟକ ଅଟେ । ଯେଉଁଠି ଦୃଢ ଯୋଜନା ପ୍ରସ୍ତୁତିର ଆବଶ୍ୟକତା ରହିଛି ସେଠାରେ ବ୍ୟବହାରିକ ଉଦ୍ୟମର ମଧ୍ୟ ଆବଶ୍ୟକତା ରହିଚଛି । ନିଜ ଉପାସନାର ସର୍ବୋଚ୍ଚ ସ୍ତର ପ୍ରାପ୍ତ କରିବା ନିମନ୍ତେ ଆବଶ୍ୟକତା ରହିଛି । ଯଦି ପଦାଧିକାରୀ ଓ ଶୁରାର ପ୍ରତିନିଧିମାନେ ନିଜ ଉପାସନାର ସ୍ତରକୁ ଉତ୍କୃଷ୍ଟ କରିବା ପ୍ରତି ଧ୍ୟାନ ଦିଅନ୍ତି ଓ ମସ୍‌ଜିଦ୍‌କୁ ଉପାସନାକାରୀଙ୍କ ଦ୍ୱାରା ପରିପୂର୍ଣ୍ଣ କରିବା ନିମନ୍ତେ ବ୍ୟବହାରିକ ଉଦାହରଣ ପ୍ରଦର୍ଶନ କରନ୍ତି ତାହାହେଲେ ମସ୍‌ଜିଦ୍‌ର ଜନସଂଖ୍ୟା ତିନି ଚାରି ଗୁଣା ବୃଦ୍ଧି ପାଇ ପାରିବ । ଆମମାନଙ୍କୁ ଏହାର ସମୀକ୍ଷା କରିବାର ଆବଶ୍ୟକତା ରହିଛି । ଅତଏବ୍ ନିଜର ବ୍ୟବହାରିକ ଉଦାହରଣ, ଆଦର୍ଶ, ଲୋକମାନଙ୍କ ପ୍ରତି ପ୍ରେମ ତଥା ଆନ୍ତରୀକତାପୂର୍ଣ୍ଣ ସଂପର୍କ ସ୍ଥାପନ କରିବା, ସେମାନଙ୍କ ବ୍ୟଥା ଓ ବେଦନା ନିଜ ମନ ଭିତରେ ପୋଷଣ କରିବା, ସେମାନଙ୍କ ପାଇଁ ଓ ନିଜ ପାଇଁ ମଧ୍ୟ ଦୁଆ କରିବା, ଉପସ୍ଥିତ ଖଲିଫାଙ୍କର ଆଜ୍ଞାପାଳନର ସ୍ତରକୁ ବୃଦ୍ଧି କରିବା ପ୍ରତ୍ୟେକ ପଦାଧିକାରୀ ଓ ଶୁରାର ପ୍ରତିନିଧିଙ୍କର ବିଶେଷ ଓ ସର୍ବାଦୌ କର୍ତ୍ତବ୍ୟ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ହେବା ଉଚିତ୍ । ତେବେଯାଇ ଏକ ବିପ୍ଳବ ଏବଂ ପରିବର୍ତ୍ତନ ସାମୂହିକ ରୂପେ ଆମ ଜମାଅତ୍‌ରେ ସୃଷ୍ଟି ହେଉଥିବାର ଆମେମାନେ ଅବଲୋକନ କରିବୁ ।

ଆମମାନଙ୍କ ଉପରେ ଏହି ଗୁରୁ ଦାୟିତ୍ୱ ନ୍ୟସ୍ତ ହୋଇଛି । ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ଅଭିପ୍ରାୟ ଓ ଆପଣ ଅ.ସଙ୍କ ମିଶନ କୌଣସି ସାଧାରଣ କାର୍ଯ୍ୟ ନୁହେଁ । ସଂସାରରେ ଇସଲାମ୍ ଧର୍ମର ସୁନ୍ଦର ବାର୍ତ୍ତା ପହଞ୍ଚାଇ, ସଂସାରକୁ ଏକେଶ୍ୱରବାଦର ଉପାସନାକାରୀ ବ୍ୟକ୍ତି ରୂପେ ଗଢି ତୋଳିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ସଂସାରରେ, ସମସ୍ତ ଦେଶମାନଙ୍କରେ ଶୁରା ଏଇଥି ପାଇଁ ଆୟୋଜିତ ହୋଇଥାଏ ଯେ, ଆମେମାନେ ଯେଉଁଠି ନିଜର ବ୍ୟବହାରିକ ଅବସ୍ଥାକୁ ଶୃଙ୍ଖଳିତ ଏବଂ ସୁଧାରିବା ନିମନ୍ତେ ଯୋଜନା ପ୍ରସ୍ତୁତ କରିବୁ ସେଠାରେ ଏକ ଏକେଶ୍ୱରବାଦର ବାର୍ତ୍ତା ପହଞ୍ଚାଇବା ନିମନ୍ତେ, ସଂସାରକୁ ଏକ ଜାତିରେ ପରିଣତ କରିବା ନିମନ୍ତେ, ଆଁହଜରତ ସ.ଅଙ୍କ ଧ୍ୱଜା ତଳେ ଆଣିବା ନିମନ୍ତେ ଏପରି ଯୋଜନା ପ୍ରସ୍ତୁତ କରନ୍ତୁ ଯାହାକି ଏକ ଯୁଗାନ୍ତକାରୀ ବିପ୍ଳବ ସୃଷ୍ଟି କରିଦେବ ।

ଏକଥା ସର୍ବଦା ସ୍ମରଣ ରଖନ୍ତୁ ଯେ, ଏହି ସମସ୍ତ କାର୍ଯ୍ୟକୁ ସମ୍ପାଦନ କରିବା ସକାଶେ ସାଧନ ଓ ଅର୍ଥର ମଧ୍ୟ ଆବଶ୍ୟକତା ରହିଛି । ସୁତରାଂ ଆପଣମାନେ ନିଜର ଆର୍ଥିକ ବଜେଟ୍‌କୁ ଏପରି ଗଢନ୍ତୁ ଯେ, ଆମେମାନେ ସର୍ବନିମ୍ନ ଖର୍ଚ୍ଚରେ ଅଧିକରୁ ଅଧିକ ଲାଭବାନ ହୋଇପାରିବୁ । ଜମାଅତ୍‌ର ଅନେକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଅଟନ୍ତି । ଅତଃ ଆମ ଚାନ୍ଦାର ଆୟର ଏପରି ଶୃଙ୍ଖଳିତ, ସୁବ୍ୟବସ୍ଥିତ ଓ ଉତ୍ତମ ଢଙ୍ଗରେ ଯୋଜନା ପ୍ରସ୍ତୁତ ହେବା ଉଚିତ୍ ଯଦ୍ଦ୍ୱାରାକି ଆମେମାନେ ସ୍ୱଳ୍ପ ଖର୍ଚ୍ଚରେ ଅଧିକରୁ ଅଧିକ ଧର୍ମପ୍ରଚାରର କାର୍ଯ୍ୟକୁ ସମ୍ପାଦିତ କରିବାକୁ ସକ୍ଷମ ହୋଇପାରିବୁ । ଏହି କାର୍ଯ୍ୟ ସେହି ସ୍ଥଳେ ସମ୍ପାଦନ କରିପାରିବୁ ଯେତେବେଳେ ଆମେମାନେ ଉକ୍ତ ବାସ୍ତବତାକୁ ହୃଦୟଙ୍ଗମକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇଯିବୁ । ଅର୍ଥାତ୍ ଆମେମାନେ ଧର୍ମପରାୟଣତାର ମାର୍ଗରେ ଅଗ୍ରସର ହୋଇ ନିଜର ଦାୟିତ୍ୱାବଳୀକୁ ଓ ଅମାନତ୍‌କୁ ସମ୍ପାଦନ କରିବୁ ତଥା ଧର୍ମସେବାକୁ ଈଶ୍ୱରଙ୍କ ଏକ କୃପା ବୋଲି ମନେକରିବୁ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଧର୍ମପରାୟଣତା ମାର୍ଗରେ ଅଗ୍ରସର ହେବା ନିମନ୍ତେ ଉପଦେଶ ଦେଇ କୁହନ୍ତି: يَا أَيُّهَا الَّذِينَ آمَنُوا إِنْ تَتَّقُوا اللَّهَ يَجْعَلْ لَكُمْ فُرْقَانًا وَيُكَفِّرْ عَنْكُمْ سَيِّئَاتِكُمْ **(ଅନ୍‌ଫାଲ୍: 30)** ଅର୍ଥାତ୍ ହେ ବିଶ୍ୱାସକାରୀମାନେ! ଯଦି ତୁମେମାନେ ଅଲ୍ଲାଃତାଲାଙ୍କୁ ଭୟ କରିବ ତାହାହେଲେ ଅଲ୍ଲାଃତାଲା ତୁମମାନଙ୍କ ସକାଶେ ଏକ ମସ୍ତବଡ଼ ପାର୍ଥକ୍ୟସୂଚକ ବସ୍ତୁ ସୃଷ୍ଟି କରିବେ ଏବଂ ତୁମମାନଙ୍କର ଦୁର୍ବଳତାକୁ ଦୂର କରି ତୁମମାନଙ୍କୁ କ୍ଷମା ପ୍ରଦାନ କରିବେ । ପୁନଶ୍ଚ ଆପଣ ଅ.ସ କୁହନ୍ତି: وَيَجْعَلْ لَكُمْ نُورًا تَمْشُونَ بِهِ **(ଅଲ୍ ହଦିଦ୍:29)** ଅର୍ଥାତ୍ ଅଲ୍ଲାଃତାଲା ତୁମମାନଙ୍କ ସକାଶେ ଜ୍ୟୋତି ନିୟୋଜିତ କରିବେ ଯାହା ସାହାଯ୍ୟରେ ତୁମେମାନେ ଗମନ କରିବ । ଅର୍ଥାତ୍ ଏହି ଜ୍ୟୋତି ତୁମମାନଙ୍କର କଥନ ଏବଂ କରଣ ଓ ଶକ୍ତି ଓ ଚୈତନ୍ୟ ଅବସ୍ଥାକୁ ଆସିଯିବ । ତୁମମାନଙ୍କର ବୁଦ୍ଧି ବିବେକରେ ମଧ୍ୟ ଅଲୋକ ବା ଜ୍ୟୋତି ରହିବ, ତୁମର ଆନୁମାନିକ କଥାରେ ମଧ୍ୟ ଜ୍ୟୋତି ରହିବ, ତୁମର ଚକ୍ଷୁରେ ମଧ୍ୟ ଜ୍ୟୋତି ରହିବ ଓ ତୁମର କର୍ଣ୍ଣରେ, ତୁମର ତୁଣ୍ଡରେ, ତୁମ ବକ୍ତବ୍ୟରେ, ତୁମର ପ୍ରତ୍ୟେକ କ୍ରିୟା ପ୍ରତିକ୍ରିୟାରେ ଜ୍ୟୋତି ହେବ ଏବଂ ତୁମେମାନେ ଯେଉଁ ମାର୍ଗରେ ଦେଇ ଅଗ୍ରସର ହେବ ତାହା ମଧ୍ୟ ଜ୍ୟୋତିର୍ମୟ ବା ଅଲୋକିତ ହୋଇଯିବ । ସୁତରାଂ ତୁମମାନଙ୍କରେ ଯେତେଯେତେ ମାର୍ଗ, ଚୈତନ୍ୟ ଓ ଶକ୍ତି ରହିଛି ତାହା ଜ୍ୟୋତିର୍ମୟ ତଥା ଆଲୋକ ଦ୍ୱାରା ପରିପୂର୍ଣ୍ଣ ହୋଇଯିବ । ତୁମେମାନେ ଆପାଦମସ୍ତକ ଅଲୋକରେ ହିଁ ପ୍ରଧାବିତ ଓ ଅଗ୍ରସର ହୋଇଚାଲିବ । **(ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଭାଗ-5, ପୃ-177-178)**

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଧର୍ମପରାୟଣତାର ମାର୍ଗ ଉପରେ ଚାଲିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରି ନିଜର ଦାୟିତ୍ୱକୁ ନିର୍ବାହ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ଅଲ୍ଲାଃତାଲା ଆମମାନଙ୍କର ଦୋଷତ୍ରୁଟିକୁ, ଦୁର୍ବଳତାକୁ ଲୁଚାଇ ନିଜ କୃପା ଦ୍ୱାରା ଆମମାନଙ୍କୁ ପୁରସ୍କୃତ କରି ଚାଲନ୍ତୁ ।

☆ ☆ ☆

## ବିଗତ ଶୁମାର୍ ନଂ- 01 ରେ ବର୍ଣ୍ଣିତ ହୁଜୁର୍ ଅନୱର୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା ଜୁମା (28-4-2023) ର ଅବଶିଷ୍ଟାଂଶ........

ତେଣୁ ମୁଁ ଯେତେବେଳେ ଧୈର୍ଯ୍ୟ ପ୍ରଦର୍ଶନ କରୁଛି ତେବେ ତୁମମାମାନଙ୍କର ମଧ୍ୟ ଏହି କର୍ତ୍ତବ୍ୟ ରହିଛି ତଥା ତୁମମାନଙ୍କ ପକ୍ଷେ ଏହା ବିଧେୟ ଯେ, ତୁମେମାନେ ମଧ୍ୟ ଧୈର୍ଯ୍ୟ ପ୍ରଦର୍ଶନ କର । କାରଣ ବୃକ୍ଷ ଠାରୁ ବା ବୃକ୍ଷ ଅପେକ୍ଷା ଶାଖା ବଡ଼ ହୋଇ ନଥାଏ ।"

ହ. ମସିହ୍ ମଉଦ୍ ଅ.ସଙ୍କ ଠାରେ ନିଜ ଅସ୍ତିତ୍ୱ ପାଇଁ ଅସୀମ ଧୈର୍ଯ୍ୟ ରହିଥିଲା। ଯେପରିକି ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ,"ନିଜ ଅସ୍ତିତ୍ୱ ନିମନ୍ତେ ଆପଣ ଅ.ସଙ୍କ ଠାରେ ଅସୀମ ଧୈର୍ଯ୍ୟ ରହିଛି । ଲୋକମାନେ କୁହନ୍ତି ଯେ, ଆପଣ ଅ.ସ କଠୋରତା ପ୍ରଦର୍ଶନ କରିଥିଲେ । ଯଦି ଆପଣ ଅ.ସ କେଉଁଠି କଠୋରତା ପ୍ରଦର୍ଶନ କରିଛନ୍ତି ତେବେ ତହିଁରେ ସଂଶୋଧନ ପକ୍ଷ ନିହିତ ଥିଲା ଏବଂ ଏହି ଅଧିକାର ଆପଣ ଅ.ସଙ୍କୁ ହିଁ ପ୍ରାପ୍ତ ହୋଇଛି । ପ୍ରତ୍ୟେକ ବ୍ୟକ୍ତିକୁ ଏହି ଅଧିକାର ପ୍ରାପ୍ତ ହୋଇ ନାହିଁ । ଯଦି ଏହି ଅଧିକାର ଆମମାନଙ୍କୁ ପ୍ରାପ୍ତ ହୋଇ ନାହିଁ ଏବଂ ଆମେ ପ୍ରଭୁଙ୍କ ଦ୍ୱାରା ନିଯୁକ୍ତ ନାହୁଁ ତେବେ ଆମେମାନେ ଯଦି ଏହିପରି କଥା କହିବୁ ତାହାହେଲେ ଏହା ଦ୍ୱାରା ସଂଶୋଧନ ହେବା ପରିବର୍ତ୍ତେ ଉପଦ୍ରବ ବ୍ୟାପୀବାର ଆଶଙ୍କା ଅଧିକ ବୃଦ୍ଧି ପାଇଥାଏ । ଆପଣ ଅ.ସ କୁହନ୍ତି: "ତୁମେମାନେ ଦେଖ ଯେ, ଏମାନେ କେଉଁ ପର୍ଯ୍ୟନ୍ତ ଶୋଧିବେ (ଗାଳି ଦେବେ) ? ପରିଶେଷରେ ଏମାନେ କ୍ଳାନ୍ତ ହୋଇଯିବେ । ସେମାନଙ୍କର ଉପଦ୍ରବ ଓ ସେମାନଙ୍କର ଯୋଜନା ମୋତେ କଦାପି କ୍ଳାନ୍ତ କରିପାରିବ ନାହିଁ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଆମେମାନେ ମଧ୍ୟ କ୍ଳାନ୍ତ ହୋଇ ପଡ଼ିବୁ ନାହିଁ । ମୁଁ ଯଦି ପ୍ରଭୁଙ୍କ ତରଫରୁ ହୋଇ ନଥାଆନ୍ତି ତେବେ ନିଃସନ୍ଦେହ ମୁଁ ଗାଳି ଗୁଲଚରୁ ଡ଼ରିଯାଇ ଥାଆନ୍ତି । କିନ୍ତୁ ନିଃସନ୍ଦେହ ରୂପେ ମୁଁ ଜାଣେ ଯେ, ପ୍ରଭୁ ମୋତେ ନିଯୁକ୍ତ କରିଛନ୍ତି । ପୁନଶ୍ଚ ମୁଁ ଏହିପରି ତୁଚ୍ଛ କଥାକୁ କାହିଁକି ବା ଭୃକ୍ଷେପ କରିବି ? ଏହା କେବେ ହୋଇପାରିବ ନାହିଁ । ତୁମେମାନେ ଧ୍ୟାନ ଦିଅ କି ସେମାନଙ୍କର ଗାଳି ଗୁଲଚ କାହାକୁ କ୍ଷତି ପହଞ୍ଚାଇଛି ? ସେମାନଙ୍କୁ ନା ମୋତେ ? ସେମାନଙ୍କର ସଂପ୍ରଦାୟ ହ୍ରାସ ପାଇଛି ଏବଂ ମୋ ସଂପ୍ରଦାୟ ବୃଦ୍ଧି ପାଇଛି ।" ହୁଜୁର୍ ଅନ୍‌ୱର୍ ଅ.ସ କୁହନ୍ତି ଯେ, ଆମ ଜମାଅତ୍ ଯେଉଁ ବୃଦ୍ଧି ପାଉଛି ତାହା ସେହି ଲୋକମାନଙ୍କ ଦ୍ୱାରା, ସେମାନଙ୍କ ବିରୋଧ ପ୍ରଦର୍ଶନ ଦ୍ୱାରା ଏବଂ ସେହିମାନେ ହିଁ ଆମ ଜମାଅତ୍‌ରେ ପ୍ରବେଶ କରୁଛନ୍ତି । ଯଦି ଏହି ଗାଳି ଗୁଲଚ କୌଣସି ବାଧା ବିଘ୍ନତା ସୃଷ୍ଟି କରିପାରି ଥାଆନ୍ତା ତାହାହେଲେ ଦୁଇ ଲକ୍ଷରୁ ଅଧିକ ଜମାଅତ୍ କିପରି ସୃଷ୍ଟି ହୋଇଗଲା ?"

ସେହି କାଳରେ ଯେତେବେଳେ ଆପଣ ଅ.ସ ଏହି କଥା କହି କହିଲେ ସେତବେଳେ ଜମାଅତ୍‌ର ସଂଖ୍ୟା ହାରାହାରି ଦୁଇ ଲକ୍ଷ ଥିଲା । ଆଉ ଆଜି ଅଲ୍ଲାଃଲାଙ୍କ କୃପାରୁ ପୃଥିବୀର ପ୍ରତ୍ୟେକ ରାଷ୍ଟ୍ରରେ ଆପଣ ଅ.ସଙ୍କ ସନ୍ଦେଶ ପହଞ୍ଚି ସାରିଛି ଓ ଜମାଅତ୍ ସ୍ଥାପିତ ହୋଇଛି । ସୁତରାଂ ଏହା କ'ଣ କୌଣସି ପ୍ରତିକ୍ରିୟା, ବଳର ପରିପ୍ରକାଶ ଯୋଗୁଁ ହୋଇଛି ନା ବଳିଦାନ, ଧୈର୍ଯ୍ୟ ଏବଂ ଦୁଆର ହିଁ ପରିଣାମ ? ସୁତରାଂ ଉକ୍ତ ବୃହତ୍ ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ନିମନ୍ତେ ଆମମାନଙ୍କୁ ଧୈର୍ଯ୍ୟ ପ୍ରଦର୍ଶନ କରିବାକୁ ହେବ । ପୁନଶ୍ଚ ଆପଣ ଅ.ସ କୁହନ୍ତି ଯେ, ଏହି ଲୋକମାନେ ସେମାନଙ୍କ ମଧ୍ୟରୁ ହିଁ ଆସିଛନ୍ତି କିମ୍ବା ଅନ୍ୟ ଲୋକମାନେ ଅଟନ୍ତି ? ସେମାନେ ମୋ ଉପରେ ମିଥ୍ୟାଚାରୀ ହେବାର ଫତ୍‌ୱା (ଧର୍ମାଦେଶ) ଜାରି କଲେ । କିନ୍ତୁ ଏହି ଅବଜ୍ଞାମୂଳକ ଧର୍ମାଦେଶର ପ୍ରଭାବ କ'ଣ ହେଲା ? ଜମାଅତ୍ ବୃଦ୍ଧି ପାଇଲା । ଯଦି ଏହି ସଂପ୍ରଦାୟ କୌଣସି ଯୋଜନା ଦ୍ୱାରା ଆରମ୍ଭ କରାଯାଇଥାଆନ୍ତା ତାହାହେଲେ ଏହି ଧର୍ମାଦେଶର ପ୍ରଭାବ ପଡ଼ିଥାଆନ୍ତା ଓ ମୋର ମାର୍ଗରେ ମିଥ୍ୟାଚାରୀର ଧର୍ମାଦେଶ ଅତ୍ୟନ୍ତ ଭାରି ପଡ଼ି ଥାଆନ୍ତା । କିନ୍ତୁ ଯେଉଁ କଥା ଅଲ୍ଲାଃତାଲାଙ୍କ ତରଫରୁ ହୋଇଥିବ ମନୁଷ୍ୟ ପକ୍ଷେ ସମ୍ଭବ ନୁହେଁ ଯେ, ସେ ତାହାକୁ ସମାପ୍ତ କରିପାରିବ । ଶତ୍ରୁ ମୋ ବିରୁଦ୍ଧରେ ଯାହା କିଛି କୁଯୋଜନା କରି ଚାଲିଛନ୍ତି ସେମାନେ ସେହି ମହାସାଗର ସମ୍ମୁଖରେ ଛିଡ଼ା ହୋଇ ମହାସାଗରକୁ ସ୍ୱହସ୍ତରେ ଅଟକାଇବାକୁ ପ୍ରୟାସ କରୁଛନ୍ତି ଯାହାକି ଦ୍ରୁତ ଗତିରେ ସେମାନଙ୍କ ଆଡ଼କୁ ମାଡ଼ି ଆସୁଛି ।

ଏକ ଜଳ ପ୍ରବାହ (Water Flow) ସାଗର ଆକାରରେ ସେମାନଙ୍କୁ ଆଡ଼କୁ ମାଡ଼ି ଆସୁଛି । ସେମାନେ ନିଜର ହସ୍ତ ରଖି ଭାବୁଛନ୍ତି ଯେ, ଜଳ ଅଟକିଯିବ । କିନ୍ତୁ ଏହାର ପରିଣାମ ପ୍ରକାଶ୍ୟ ଯେ, ସାଗରର ଜଳ ପ୍ରବାହ କେବେ ଅଟକି ପାରିବ ନାହିଁ । ଏମାନେ ସେହି ଗାଳି ଗୁଲଚରୁ ଆପଣଙ୍କୁ ରୋକିବାକୁ ଚାହୁଁଛନ୍ତି କିନ୍ତୁ ଆପଣମାନେ ମନେରଖନ୍ତୁ ଯେ, ଏହି ସଂପ୍ରଦାୟ କେବେ ଅଟକିଯିବ ନାହିଁ । ଗାଳି ଦେବା କ'ଣ ଶିଷ୍ଟ ତଥା ସଭ୍ୟ ବ୍ୟକ୍ତିଙ୍କର କାର୍ଯ୍ୟ ? ମୁଁ ସେହି ମୁସଲମାନମାନଙ୍କ ଉପରେ ଖେଦୋକ୍ତି ତଥା ଦୁଃଖ ପରିପ୍ରକାଶ କରୁଛି ଯେ, ଏମାନେ କିପରିକା ମୁସଲମାନ ଅଟନ୍ତି ? ଯେଉଁମାନେ ଏହିପରି ନିର୍ଲଜତାରେ ନିଜର ତୁଣ୍ଡ ଖୋଲି ଥାଆନ୍ତି । ପାକିସ୍ତାନରେ ତ' ଏମାନେ ବଡ଼ ବିଚିତ୍ର ପ୍ରକାରର ଗାଳି ଦେଇ ଥାଆନ୍ତି ।

ଆପଣ ଅ.ସ କୁହନ୍ତି: "ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ଯେ, ଏପରି ଅପଶବ୍ଦ ଓ ଗାଳିଗୁଲଚ ମୁଁ ହାଡ଼ି ପାଣ, ଚମାର ଓ ଡୋମ ଠାରୁ ମଧ୍ୟ ଶୁଣି ନାହିଁ ଯେପରି ଏହି ମୁସଲମାନମାନେ ଯେଉଁମାନେ ନିଜକୁ ମୁସଲମାନ ବୋଲାଇ ମୋତେ ଗାଳି ଏବଂ ଅପଶବ୍ଦ ଦେଉଛନ୍ତି । ଏହି ଗାଳି, ଅପନିନ୍ଦା ଓ ଅପଶବ୍ଦରେ ଏମାନେ ନିଜ ଅବସ୍ଥାର ପରିପ୍ରକାଶ କରିଥାଆନ୍ତି । ଗାଳି ଦ୍ୱାରା ସେମାନଙ୍କ ନିଜସ୍ୱ ଚାରିତ୍ରିକ ଅବସ୍ଥାର ପରିପ୍ରକାଶ ହୋଇଥାଏ । କାରଣ ସେମାନଙ୍କର ମସ୍ତିଷ୍କ କିପରି ଅଟେ ଓ ସେମାନଙ୍କର କର୍ମ ତଥା ଆଚରଣ କିପରିକା ଅଟନ୍ତି ? ସେମାନେ ସ୍ୱୟଂ ସ୍ୱୀକାର କରନ୍ତି ଯେ, ସେମାନେ ପାପୀ ଓ ଦୁରାଚାରୀ ଅଟନ୍ତି।" ଅଲ୍ଲାଃତାଲା ଏମାନଙ୍କର ଆଖି ଫିଟାଇ ଦିଅନ୍ତୁ ଓ ଏମାନଙ୍କ ଉପରେ ଦୟା

ଅବତୀର୍ଣ୍ଣ କରନ୍ତୁ । **ଆମିନ୍** । "ଏପରି ଗାଳି ଗୁଲଚ କରିଥିବା ବ୍ୟକ୍ତିମାନେ ଏକ କୋଟିରୁ ଊର୍ଦ୍ଧ୍ୱ ହୁଅନ୍ତୁ ପଛେ ସେମାନେ ଅଲ୍ଲାଃତାଲାଙ୍କର କିଛି କ୍ଷତି କରିପାରିବେ ନାହିଁ । ଏମାନେ ଜାଣନ୍ତି ଯେ, ଏକ ପଇସାର କାର୍ଡ଼ ହିଁ ଅପଚୟ ହେବ । କିନ୍ତୁ ଏହା ଜାଣନ୍ତି ନାହିଁ ଯେ, ଏହି ଟଙ୍କା ପଇସାର ଅପଚୟ ସହିତ ସେମାନଙ୍କ କର୍ମପତ୍ରରେ ମଧ୍ୟ କଳା ଫର୍ଦ୍ଦ ଯୋଡ଼ି ହୋଇଯିବ । ସେମାନେ ପୋଷ୍ଟ କାର୍ଡ଼ରେ ଯେଉଁ ଗାଳିଗୁଲଚ ଉଲ୍ଲେଖ କରନ୍ତି ଏହା ଦ୍ୱାରା ସେମାନେ ନିଜର କର୍ମପତ୍ରକୁ କଳା ତ' କରନ୍ତି ହିଁ କରନ୍ତି, ହେଲେ ମୁଁ ବୁଝିପାରୁ ନାହିଁ ଏହି ଗାଳି କାହିଁକି ଦିଆଯାଉଛି ? କ'ଣ ଏହା ଏଇଥିପାଇଁ ଯେ, ମୁଁ ଏହା କହୁଛି ଯେ, ପବିତ୍ର କୁରଆନ୍ କରୀମ୍‌କୁ ପରିତ୍ୟାଗ କରି ନାହିଁ ଓ ଆଁହଜରତ ସ.ଅଙ୍କୁ ପ୍ରତ୍ୟାଖ୍ୟାନ କରି ନାହିଁ । କି ଅଦ୍ଭୁତ କଥା ଯେ, ପବିତ୍ର କୁରଆନ୍ କରୀମ୍‌ରେ ତ' ଉଲ୍ଲେଖ ରହିଛି ଯେ, ହ. ଇସା ଅ.ସ ମୃତ୍ୟୁବରଣ କରି ସାରିଛନ୍ତି ଓ ଧରାପୃଷ୍ଠକୁ ଆଉ ଫେରିବେ ନାହିଁ । କିନ୍ତୁ ଏମାନେ ଏହାକୁ ସ୍ୱୀକାର କରୁ ନାହାନ୍ତି ବରଂ ଉକ୍ତ ଆସ୍ଥା ବଦଳରେ ଏମାନେ ପବିତ୍ର କୁରଆନ୍ କରୀମ୍‌ର ବିରୋଧ ପ୍ରଦର୍ଶନ କରିବାରେ ସଂକଳ୍ପବଦ୍ଧ ଅଟନ୍ତି। ମୁଁ ଯଦି ନ ଆସି ଥାଆନ୍ତି ଓ ପ୍ରଭୁ ଆଉ ଏକ ସଂପ୍ରଦାୟ ସ୍ଥାପନ କରି ନଥାଆନ୍ତେ ତାହାହେଲେ ଏମାନେ ଯାହା ଚାହିଁ ଥାଆନ୍ତେ ତାହା କହନ୍ତେ। କାରଣ ଏମାନଙ୍କୁ ଜାଗ୍ରତ କରାଇଲାବାଲା ଜାଗ୍ରତକାରୀ ଏମାନଙ୍କ ମଧ୍ୟରେ ଉପସ୍ଥିତ ନଥିଲା । କିନ୍ତୁ ବର୍ତ୍ତମାନ ଯେତେବେଳେ ଅଲ୍ଲାଃତାଲା ମୋତେ ନିଯୁକ୍ତ କରିଛନ୍ତି ଓ ମୁଁ ହେଉଛି ସେହି ବ୍ୟକ୍ତି ଯାହାକୁ ଆଁହଜରତ ସ.ଅ **'ହକମ୍'** (ବିଚାରକ ବା ନିର୍ଣ୍ଣୟକାରୀ) ବୋଲି ବିବେଚିତ କରିଛନ୍ତି ତେବେ ପୁନଶ୍ଚ ମୋର ନିଷ୍ପତ୍ତି ଏବଂ ନିର୍ଣ୍ଣୟ କରିବାରେ ଟାଳଟୁଳ କରିବାରେ ସେମାନଙ୍କର କୌଣସି ଅଧିକାର ନଥିଲା । ଧର୍ମପରାୟଣର ମାର୍ଗ ଏହା ଥିଲା ଯେ, ମୋର କଥାକୁ ଶୁଣି ଥାଆନ୍ତେ ଓ ବିଚାର କରନ୍ତେ ଓ ଅସ୍ୱୀକାର କରିବାରେ ଶୀଘ୍ରତା ପ୍ରଦର୍ଶନ କରନ୍ତେ ନାହିଁ । ମୁଁ ସତ ସତ କହୁଛି ଯେ, ମୋର ଆଗମନ ପରେ ସେମାନଙ୍କର ଏହି ଅଧିକାର ନୁହେଁ ଯେ, ସେମାନେ ପାଟି ଖୋଲନ୍ତୁ । କାରଣ ମୁଁ ଅଲ୍ଲାଃତାଲାଙ୍କ ତରଫରୁ ଆସିଅଛି ଓ ନିର୍ଣ୍ଣୟକାରୀ ତଥା ବିଚାରକ ହୋଇ ଆସିଅଛି । **(ମଲ୍‌ଫୁଜାତ୍, ଭାଗ7-, ପୃ206-203-, ପ୍ରକାଶନ ବର୍ଷ 1984 ମସିହା) ।"**

ପୁନଶ୍ଚ ଆଁହଜରତ ସ.ଅ ଅଲ୍ଲାଃତାଲାଙ୍କ ଆଦେଶରୁ ଯେଁଉ ଅପୂର୍ବ ଧୈର୍ଯ୍ୟର ସ୍ତର ସ୍ଥାପନ କରିଯାଇଛନ୍ତି ତାହାର ପ୍ରତିଯୋଗୀତା କରାଯାଇପାରିବ ନାହିଁ । ଉକ୍ତ କଥାର ଚର୍ଚ୍ଚା କରି ଆପଣ ଅ.ସ କୁହନ୍ତି:"ହ. ମୁସା ଅ.ସଙ୍କ ଜାତି ବନି ଇସ୍ରାଇଲ୍ ହ. ମୁସା ଅ.ସଙ୍କୁ ତରନ୍ତ ସ୍ୱୀକାର କରି ନେଇଥିଲା । ତେଣୁ ହ. ମୁସା ଅ.ସଙ୍କୁ ତାଙ୍କ ଜାତି ପକ୍ଷରୁ  କୌଣସି ଦୁଃଖ, କଷ୍ଟ ଏବଂ ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼ି ନଥିଲା । ବରଂ ଫିର୍‌ଔନ୍ ହ. ମୁସା ଅ.ସଙ୍କୁ ନିର୍ଯାତନା ଦେଉଥିଲା । କିନ୍ତୁ ଏହାର ବିପରୀତ ଆଁହଜରତ ସ.ଅଙ୍କ ନିଜ ଜାତି ପକ୍ଷରୁ ଦୁଃଖ କଷ୍ଟ ଏବଂ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏଭଳି ପରିସ୍ଥିତିରେ ଆଁହଜରତ ସ.ଅଙ୍କ ସଫଳତା କେତେ ଉତ୍କୃଷ୍ଟ ସ୍ତରୀୟ ସାବ୍ୟସ୍ତ ହୋଇଥିଲା । ଏହା ଆପଣ ସ.ଅଙ୍କର ଶ୍ରେଷ୍ଠତ୍ୱର ସର୍ବୋତ୍କୃଷ୍ଟ ନିଦର୍ଶନ ଓ ପ୍ରମାଣ ଅଟେ । ଯେତେବେଳେ ଆଁହଜରତ ସ.ଅ ଅଲ୍ଲାଃତାଲାଙ୍କ ଠାରୁ ଆଦେଶ ପ୍ରାପ୍ତ ପରେ ତବ୍‌ଲିଗ୍ କରିବା ଆରମ୍ଭ କଲେ ସେତେବେଳେ ପ୍ରଥମରୁ ହିଁ ଆପଣ ସ.ଅ ଏହି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା ଯେ, ଆପଣ ସ.ଅଙ୍କ ଜାତି ଆପଣ ସ.ଅଙ୍କୁ ଅସ୍ୱୀକାର କରିଦେଲା ।

ଆପଣ ସ.ଅ ଯେତେବେଳେ କୁରୈଶ୍‌ମାନଙ୍କୁ ନିମନ୍ତ୍ରଣ ଦେଲେ ଓ ସମସ୍ତଙ୍କୁ ଡ଼ାକି କହିଲେ ଯେ, ମୁଁ ତୁମମାନଙ୍କୁ ଗୋଟିଏ କଥା ପଚାରିବି ତୁମେମାନେ ମୋତେ ଏହାର ଉତ୍ତର ଦେବ । ଅର୍ଥାତ ମୁଁ ଯଦି ତୁମକୁ ଏହା କୁହେ କି ଉକ୍ତ ପର୍ବତ ପଛରେ ଏକ ବିଶାଳ ସୈନ୍ୟବାହିନୀ ତୁମମାନଙ୍କ ଉପରେ ସହସା ଆକ୍ରମଣ କରିବା ପାଇଁ ଛିଡ଼ା ହୋଇଛି ଏବଂ ସୁଯୋଗ ଦେଖି ତୁମମାନଙ୍କ ଉପରେ ଆକ୍ରମଣ କରି ତୁମକୁ ସମାପ୍ତ କରିଦେବ ତେବେ ତୁମେମାନେ ମୋ କଥାରେ ବିଶ୍ୱାସ କରିବ କି ? ସମସ୍ତେ ଏକମତ ଓ ଏକସ୍ୱର ହୋଇ କହିଲେ, ନିଃସନ୍ଦେହ ଆମେମାନେ ଉକ୍ତ କଥାକୁ ସ୍ୱୀକାର କରିନେବୁ । କାରଣ ଆମେମାନେ ଆପଣ ସ.ଅଙ୍କୁ ସର୍ବଦା ସତ୍ୟ ଓ ସନ୍ତକ ବା ନ୍ୟାସ ରକ୍ଷାକର୍ତ୍ତା ରୂପେ ପାଇଅଛୁ । ସେମାନେ ଯେତେବେଳେ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରିଦେଲେ ସେତେବେଳେ ଆପଣ ସ.ଅ କହିଲେ ଯେ, ଦେଖ ! ମୁଁ ସତ ସତ କହୁଛି ଯେ, ମୁଁ ପ୍ରଭୁଙ୍କର ବାର୍ତ୍ତାବହ ଅଟେ ଓ ତୁମମାନଙ୍କୁ ଆଗାମୀ ଶାସ୍ତି ଠାରୁ ସତର୍କ କରାଉଛି । ଆଁହଜରତ ସ.ଅ ଏତିକି କହି ନଥିଲେ କି ସମସ୍ତ ଲୋକମାନେ ନିଆଁ ହୋଇଗଲେ (ଅର୍ଥାତ କ୍ରୋଧ ଜର୍ଜରିତ ହୋଇ ଉଠିଲେ) । ଜଣେ ବଦ୍‌ମାଶ ବ୍ୟକ୍ତି କହି ଉଠିଲା ଯେ, تَبًّا لَكَ سَائِرَ الْيَوْمِ ଅର୍ଥାତ୍ **ନାଉଜୁ ବିଲ୍ଲାଃ** ସର୍ବନାଶର ଶବ୍ଦ କହିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ଯେଉଁ କଥା ସେମାନଙ୍କର ମଙ୍ଗଳ ଏବଂ ମୋକ୍ଷ ନିମନ୍ତେ ଆପଣ ସ.ଅ ସେମାନଙ୍କୁ କହିଥିଲେ ସେହି ଅପରିଣାମଦର୍ଶୀ ଜାତି ସେହି ବ୍ୟକ୍ତି (ଅର୍ଥାତ ଆପଣ ସ.ଅ)ଙ୍କୁ ହିଁ ଖରାପ ବୋଲି ଭାବିଲେ ଓ ବିରୋଧ ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ହୋଇଗଲେ। ବର୍ତ୍ତମାନ ଏହାର ବିପରୀତ ହ. ମୁସା ଅ.ସଙ୍କ ଜାତିକୁ ଦେଖ । ବନି ଇସ୍ରାଇଲ୍ ଜଣେ କ୍ରୁର ହୃଦୟର ଜାତି ଥିଲା କିନ୍ତୁ ସେମାନେ ହ. ମୁସା ଅ.ସଙ୍କ ପ୍ରଚାର ଏବଂ ସନ୍ଦେଶକୁ ତୁରନ୍ତ ସ୍ୱୀକାର କରିନେଲେ ଓ ଅପରପକ୍ଷେ ମୁସା ଅ.ସଙ୍କ ଜାତି ଠାରୁ ସର୍ବୋତ୍କୃଷ୍ଟ ଜାତି ହ. ମୁହମ୍ମଦ ସ.ଅଙ୍କୁ ସ୍ୱୀକାର କଲା ନାହିଁ ।"

ଆପଣ ଅ.ସ ଅତିରିକ୍ତ ବର୍ଣ୍ଣନା କରିବାକୁ ଯାଇ ହ. ମୁସା ଅ.ସଙ୍କ ଜାତିର ଉଦାହରଣ ଦେଉଛନ୍ତି ଯେ, "ହ. ମୁସା ଅ.ସଅଙ୍କ ଜାତି ତାଙ୍କୁ ତୁରନ୍ତ ସ୍ୱୀକାର କରିନେଲା । କିନ୍ତୁ ହ. ମୁସା ଅ.ସଙ୍କ ଠାରୁ ଯିଏ ସର୍ବଶ୍ରେଷ୍ଠ ଏବଂ ସର୍ବୋତ୍ତମ ଥିଲେ ତାଙ୍କୁ ସ୍ୱୀକାର କଲେ ନାହିଁ ଏବଂ ବିରୋଧ କରିବାକୁ ତତ୍ପର ହୋଇଗଲେ । ଆଁହଜରତ ସ.ଅଙ୍କ ସକାଶେ ବିପତ୍ତିର ପରମ୍ପରା ଆରମ୍ଭ ହୋଇଗଲା ଓ ଆପଣ ସ.ଅଙ୍କୁ ହତ୍ୟା କରିବା ସକାଶେ ପ୍ରତ୍ୟେକ ଦିନ ଯୋଜନା ପ୍ରସ୍ତୁତ ହେବାକୁ ଲାଗିଲା ଏବଂ ଏହି କାଳ ଏତେ ଦୀର୍ଘ ହୋଇଗଲା ଯେ, ଦୀର୍ଘ 13 ବର୍ଷ ପର୍ଯ୍ୟନ୍ତ ଅହରହ ପ୍ରଲମ୍ବିତ ହୋଇ ଚାଲିଲା । 13  ବର୍ଷ କୌଣସି କମ୍ କାଳ ହୋଇ ନଥାଏ । ଉକ୍ତ ଅବଧି ମଧ୍ୟରେ ଆପଣ ସ.ଅ ଯେଭଳି ଦୁଃଖ କଷ୍ଟ ସହ୍ୟ କଲେ ତାହାକୁ ବର୍ଣ୍ଣନା କରିବା ସହଜ ସାଧ୍ୟ ନୁହେଁ । ଏପଟେ ଜାତି ପକ୍ଷରୁ ଦୁଃଖ କଷ୍ଟ ତଥା ନିର୍ଯାତନା ଦେବାରେ କୌଣସି ନ୍ୟୁନତା ପ୍ରଦର୍ଶନ କରାଯାଉ ନଥିଲା । ଅପର ପକ୍ଷେ ଅଲ୍ଲାଃତାଲାଙ୍କ ତରଫରୁ ଧୈର୍ଯ୍ୟ ଓ ଅବିଚଳତା ପ୍ରଦର୍ଶନ କରିବାକୁ ଆଦେଶ ଦିଆଯାଉଥିଲା । ଏପଟେ ନିର୍ଯାତନା ଦିଆଯାଉଥିଲା ଅପରପଟେ ଅଲ୍ଲାଃତାଲା କହୁଥିଲେ ଧୈର୍ଯ୍ୟ ଓ ନିୟମିତ ଧୈର୍ଯ୍ୟପୂର୍ଣ୍ଣ ସ୍ୱଭାବ ଅବଲମ୍ବନ ପୂର୍ବକ ଅଟଳ ରୁହ। ଏହା ହିଁ ଧୈର୍ଯ୍ୟର ପ୍ରକୃତ ଓ ଜ୍ୱଳନ୍ତ ପ୍ରମାଣ ଅଟେ । ଅଲ୍ଲାଃତାଲା ବାରମ୍ବାର ଆଦେଶ ଦେଉଥିଲେ ଯେ, ଯେପରି ପୂର୍ବ ଅବତାରମାନେ ଧୈର୍ଯ୍ୟ ପ୍ରଦର୍ଶନ କରିଥିଲେ ତୁମେ ମଧ୍ୟ ଧୈର୍ଯ୍ୟ ପ୍ରଦର୍ଶନ କର ।

ଅତଏବ ଆଁହଜରତ ସ.ଅ ଧୈର୍ଯ୍ୟପୂର୍ଣ୍ଣ ଭାବରେ ସେହି ଦୁଃଖ, କଷ୍ଟ ଏବଂ ନିର୍ଯାତନାକୁ ସହ୍ୟ କରୁଥିଲେ ଓ ତବ୍‌ଲିଗ୍ କରିବାରେ କେବେ ବି ଅବହେଳା ପ୍ରଦର୍ଶନ କରୁ ନଥିଲେ ବରଂ ଆଗକୁ ପାଦ ଅଗ୍ରସର କରୁଥିଲେ। ବାସ୍ତବତା ଏହିକିଯେ, ଆଁହଜରତ ସ.ଅଙ୍କର ଧୈର୍ଯ୍ୟ ପୂର୍ବ ଅବତାରମାନଙ୍କ ପରି ନଥିଲା । କାରଣ ସେମାନେ ସୀମିତ ଜାତି ଓ ସୀମିତ ଭୌଗୋଳିକ ଅଞ୍ଚଳ ନିମନ୍ତେ ପ୍ରେରିତ ହୋଇଥିଲେ । ଅତଃ ସେମାନଙ୍କର ଦୁଃଖ କଷ୍ଟ ଓ ନିର୍ଯାତନା ମଧ୍ୟ ସେହି ପର୍ଯ୍ୟନ୍ତ ସୀମିତ ହେଉଥିଲା । କିନ୍ତୁ ଏହାର ବିପରୀତ ଆଁହଜରତ ସ.ଅଙ୍କର ଧୈର୍ଯ୍ୟ ଅତ୍ୟନ୍ତ ଅସୀମ ଥିଲା । କାରଣ ଆପଣ ସ.ଅଙ୍କର ଜାତି ହିଁ ଆପଣ ସ.ଅଙ୍କର ସର୍ବ ପ୍ରଥମେ ବିରୋଧୀ ହୋଇଥିଲା ଏବଂ ନିର୍ଯାତନା ତଥା ଦୁଃଖ କଷ୍ଟ ବା କଷଣ ଦେବା ନିମନ୍ତେ ତତ୍ପର ହୋଇ ଉଠିଥିଲା । ପୁନଶ୍ଚ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ମଧ୍ୟ ଆପଣ ସ.ଅଙ୍କ ଶତ୍ରୁ ପାଲଟି ଯାଇଥିଲେ ।"

"ଯେତେବେଳେ ଖ୍ରୀଷ୍ଟିଆନ୍‌ମାନଙ୍କୁ ଶୁଣାଇ ଦିଆଗଲା ଯେ, ହ. ଇସା ଅ.ସ କେବଳ ଜଣେ ଈଶ୍ୱରଙ୍କ ଭକ୍ତ ଥିଲେ, ସେତେବେଳେ ସେମାନଙ୍କୁ ନିଆଁ ଲାଗିଗଲା (ଅର୍ଥାତ କ୍ରୋଧିତ ହୋଇ ଉଠିଲେ) । କାରଣ ଖ୍ରିଷ୍ଟିଆନ୍‌ମାନେ ହ. ଇସା ଅ.ସଙ୍କୁ ଈଶ୍ୱର ବୋଲି ମନେକରୁଥିଲେ । ଆଁହଜରତ ସ.ଅ ଆସି ସମସ୍ତ ରହସ୍ୟରୁ ପରଦା ଉଠାଇଥିଲେ । ଏହା ନିୟମଭିତ୍ତିକ ପ୍ରସଙ୍ଗ ଯେ, ମନୁଷ୍ୟ ଯେଉଁ ବ୍ୟକ୍ତିକୁ ଈଶ୍ୱର ରୂପେ ସ୍ୱୀକାର କରିନିଏ ଓ ନିଜର ଉପାସ୍ୟ ରୂପେ ବରଣ କରିନିଏ ତେବେ ସେହି ବ୍ୟକ୍ତିର ଉପାସନା କରୁଥିବା ଅନ୍ୟ ବ୍ୟକ୍ତିକୁ ପରିତ୍ୟାଗ କରିବା ସହଜ ସାଧ୍ୟ ହୋଇ ନଥାଏ । ବରଂ ଏପରି ଆସ୍ଥାକୁ ପରିତ୍ୟାଗ କରିବା ଅତ୍ୟନ୍ତ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

କଷ୍ଟକର ହୋଇ ପଡ଼ିଥାଏ । ଖ୍ରୀଷ୍ଟିଆନମାନଙ୍କର ଏହି ଆସ୍ଥା ଆହୁରି ଦୃଢୀଭୂତ ହୋଇଯାଇଥିଲା । ତେଣୁ ସେମାନେ ଯେତେବେଳେ ଶୁଣିଲେ ଯେ, ଆଁହଜରତ ସ.ଅ ସେମାନଙ୍କର କୃତ୍ରିମ ଈଶ୍ୱରଙ୍କୁ ମନୁଷ୍ୟ ବୋଲି ବିବେଚିତ କରିଦେଇଛନ୍ତି ସେତେବେଳେ ସେମାନେ ଆପଣ ସ.ଅଙ୍କ ପ୍ରାଣର ଶତ୍ରୁ ପାଲଟି ଗଲେ ।"

"ଏକ ପକ୍ଷରେ ନିଜ ଜାତି ଶତ୍ରୁ, ଅବଜ୍ଞାକାରୀମାନେ ଶତ୍ରୁ, ପ୍ରତିମାପୂଜକ ଶତ୍ରୁ ଓ ଖ୍ରୀଷ୍ଟିଆନ୍‌ମାନେ ମଧ୍ୟ ଶତ୍ରୁ ଅଟନ୍ତି । ସେହିପରି ଇହୁଦୀମାନଙ୍କ ମଧ୍ୟରେ ଅନେକ ସମକକ୍ଷମୂଳକ ପ୍ରଥା ଓ ପରମ୍ପରା ସୃଷ୍ଟି ହୋଇଯାଇଥିଲା ।" ପୁନଶ୍ଚ ଆଗକୁ ଆପଣ ଅ.ସ ଇହୁଦୀମାନଙ୍କର ଚର୍ଚ୍ଚା କରିଛନ୍ତି । "ଇହୁଦୀମାନଙ୍କ ମଧ୍ୟରେ ସମକକ୍ଷମୂଳକ ପ୍ରଥା ସୃଷ୍ଟି ହୋଇଯାଇଥିଲା ଏବଂ ସେମାନେ ହ. ଇସା ଅ.ସଙ୍କ ଅସ୍ତିତ୍ୱକୁ ସଂପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରୁଥିଲେ । ସେମାନେ ହ. ଇସା ଅ.ସଙ୍କୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନଥିଲେ । ଯେତେବେଳେ ସେମାନଙ୍କୁ ସତର୍କ କରାଗଲା ସେତେବେଳେ ସେମାନେ ମଧ୍ୟ ବିରୋଧ ନିମନ୍ତେ ଛିଡ଼ା ହୋଇ ପଡ଼ିଲେ ।" ବର୍ତ୍ତମାନ ଇହୁଦୀମାନେ ଓ ଖ୍ରୀଷ୍ଟିଆନ୍‌ମାନେ ମଧ୍ୟ ମୁଶ୍‌ରିକ୍ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିବା ବ୍ୟକ୍ତି) ଏବଂ ଅନ୍ୟ ସମସ୍ତ ଧର୍ମାବଲମ୍ବୀମାନେ ବିରୋଧୀ ହୋଇଗଲେ । କାରଣ ଇହୁଦୀମାନେ **ମାଆଜଲ୍ଲାଃ** (ପ୍ରଭୁଙ୍କ ଶରଣ ଭିକ୍ଷା କରୁଛୁ) ହ. ଇସା ଅ.ସଙ୍କୁ (ଯୀଶୁ ଖ୍ରୀଷ୍ଟ ଅ.ସଙ୍କୁ) ଛଳନାକାରୀ, ମାୟାବୀ ଓ ମିଥ୍ୟାଚାରୀ ବୋଲି କହୁଥିଲେ। ଏହାର ବିପରୀତ ଆଁହଜରତ ସ.ଅ ସେମାନଙ୍କୁ କହିଲେ ଯେ, ତୁମେମାନେ ସେମାନଙ୍କୁ ମିଥ୍ୟାଚାରୀ କହିଲେ ତୁମେ ସ୍ୱୟଂ ମିଥ୍ୟାଚାରୀ ହୋଇଯିବ । ସେ ଈଶ୍ୱରଙ୍କ ଏକ ମନୋନୀତ ଅବତାର ଅଟନ୍ତି । ଏତଦ୍‌ଭିନ୍ନ ସେମାନଙ୍କ ବିରୋଧର ଏକ ବଳିଷ୍ଠ ଓ ମୁଖ୍ୟ କାରଣ ଏହା ମଧ୍ୟ ହୋଇଥାଇ ପାରେ ଯେ, ସେମାନେ ନିଜର ମୂର୍ଖତା ଓ ଅବୋଧତା ହେତୁ ଏହା ମନେକରି ନେଇଥିଲେ ଯେ, ଖାତମୁଲ୍ ଅମ୍ବିୟା ନବୀ ଶିରୋମଣୀ ବନି ଇସ୍ରାଇଲ୍ ସଂପ୍ରଦାୟରୁ ଆସିବେ । କାରଣ ଯେପରିକି ତୌରାତ୍‌ରେ ପରମ୍ପରା ରହିଛି ଯେ, ଚୂଡ଼ାନ୍ତ ଅବତାର ସଂକ୍ରାନ୍ତରେ ଭବିଷ୍ୟତବାଣୀ ମହଜୁଦ୍ ରହିଛି । ତାହା ଏପରି ଶବ୍ଦରେ ଉଲ୍ଲେଖ ରହିଛି ଯେ, ଯେଉଁଠି ସେମାନଙ୍କ ମନରେ ଏହି ସନ୍ଦେହ ଉତ୍ପନ୍ନ ହୋଇଯାଇଥିଲା ସେଠାରେ ତୁମମାନଙ୍କ ଭାଇ ମଧ୍ୟରୁ ସେହି ଅବତାର ଆସିବ । କିନ୍ତୁ ଇହୁଦୀମାନେ ତହିଁରୁ ବନି ଇସ୍ରାଇଲ୍ ହିଁ ଯଥାର୍ଥ ବୋଲି ମନେକରି ନେଇଥିଲେ । ଅଥଚ ତହିଁରୁ ଯଥାର୍ଥ ବନି ଇସ୍‌ମାଇଲ୍ ସଂପ୍ରଦାୟ ଥିଲା। ସୁତରାଂ ଯେତେବେଳେ ସେମାନେ ଆଁହଜରତ ସ.ଅଙ୍କ ଦାବି ଶୁଣିଲେ ଯେ, ଆପଣ ସ.ଅ ଖାତମୁଲ୍ ଅମ୍ବିୟା ଅର୍ଥାତ୍ ନବୀ ଶିରୋମଣି ତଥା ଚୂଡ଼ାନ୍ତ ନବୀ ଅଟନ୍ତି ସେତେବେଳେ ସେମାନଙ୍କର ସମସ୍ତ ଆଶା ଫସର ଫାଟିଗଲା ପରି ବୃଥା ହୋଇଗଲା । ସେମାନେ ତୌରାତ୍‌ରେ ଯାହାକିଛି ଭାବି ବସିଥିଲେ ତାହାକୁ ପ୍ରମାଦ ବୋଲି ବିବେଚିତ କରିଦିଆଗଲା । ଆଁହଜରତ ସ.ଅଙ୍କ ଏହି ଦାବି ଯୋଗୁଁ ସେମାନଙ୍କୁ କ୍ରୋଧ ଜର୍ଜରିତ ହୋଇ ଉଠିଲେ ଏବଂ ସେମାନେ ବିରୋଧ କରିବା ନିମନ୍ତେ ମୁଣ୍ଡ ଟେକିଲେ ।"

**(ମଲ୍‌ଫୁଜାତ୍ ଭାଗ7-, ପୃ200-198-, ପ୍ରକାଶନ ବର୍ଷ1984- ମସିହା)**

ଏକ ଗ୍ରାମର ଜଣେ ଅହେମଦି ହ. ମସିହ୍ ମଉଦ୍ ଅ.ସଙ୍କ ସେବାରେ ଉପସ୍ଥିତ ହୋଇ ନିଜ ଗ୍ରାମରେ ମୌଲବୀମାନଙ୍କର ବିରୋଧର ଚର୍ଚ୍ଚା କଲା ଓ ଆପଣ ଅ.ସଙ୍କୁ ଦୁଆ ପାଇଁ କହିଲା କି ହୁଜୁର ? ମୋ ଗାଁରେ ଜଣେ ମୌଲବୀ ଯେକି ମାଦ୍ରାସାରେ ଚାକିରୀ କରେ ସେ ଆମ ଜମାଅତ୍‌ରେ ଘୋର ବିରୋଧୀ ଅଟେ ଏବଂ ମୋତେ ବହୁତ ଦୁଃଖ କଷ୍ଟ ଦେଇଥାଏ । ହୁଜୁର ଦୁଆ କରନ୍ତୁ ଅଲ୍ଲାଃତାଲା ଉକ୍ତ ମୌଲବୀକୁ ସେହି ମାଦ୍ରାସାରୁ ଅନ୍ୟତ୍ର ବଦଳି କରି ଦିଅନ୍ତୁ । ଇତ୍ୟବସରରେ ହ. ମସିହ୍ ମଉଦ୍ ଅ.ସ ସ୍ମିତହାସ୍ୟ ପ୍ରକାଶ କଲେ ଓ ସେହି ବ୍ୟକ୍ତିକୁ ଏହିପରି ଭାବରେ ବୁଝାଇ କହିଲେ ଯେ, "ତୁମେ ଯେତେବେଳେ ଏହି ସଂପ୍ରଦାୟରେ ପ୍ରବିଷ୍ଟ ହୋଇଛ ସେତେବେଳେ ଏହାର (ଜମାଅତ୍‌ର) ଶିକ୍ଷା ଉପରେ କାର୍ଯ୍ୟାନୁସରଣ କର । ଯଦି କଷ୍ଟ ଏବଂ ପୀଡ଼ା ନହୁଏ ତେବେ ପୁଣ୍ୟ କିପରି ପ୍ରାପ୍ତ ହେବ ଅର୍ଥାତ୍ ଆପଣ ଅ.ସଙ୍କ କହିବାର ଉଦ୍ଦେଶ୍ୟ ଏହିକି ଯେ, କଷ୍ଟ ନକଲେ କୃଷ୍ଣ ମିଳନ୍ତି ନାହିଁ।"

ଈଶ୍ୱରଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅ ମକ୍କାରେ ଦୀର୍ଘ 13 ବର୍ଷ କାଳ ପର୍ଯ୍ୟନ୍ତ ଦୁଃଖ କଷଣ ସହ୍ୟ କରିଥିଲେ । ତୁମେମାନେ ସେହି ଯୁଗର କଷଣ ସଂକ୍ରାନ୍ତରେ ଅବଗତ ନାହିଁ ଓ ନା ହିଁ ତୁମକୁ ସେହି ଦୁଃଖ କଷ୍ଟ ଏବଂ ନିର୍ଯାତନା ସହ୍ୟ କରିବାକୁ ପଡ଼ିଛି । କିନ୍ତୁ ଆପଣ ସ.ଅ ନିଜର ସାହାବାମାନଙ୍କୁ ଧୈର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ଶିକ୍ଷା ପ୍ରଦାନ କଲେ । ପରିଶେଷରେ ସମସ୍ତ ଶତ୍ରୁ ଶେଷ ହୋଇଗଲେ । ସେହି ଯୁଗଟି ଖୁବ୍ ନିକଟବର୍ତ୍ତୀ ଯେ, ତୁମେମାନେ ଦେଖିବ ଯେ, ଏହି ଦୁଷ୍ଟ ଲୋକମାନେ ମଧ୍ୟ ଦୃଶ୍ୟମାନ ହେବେ ନାହିଁ । ଅଲ୍ଲାଃତାଲା ଏହା ଅଭିଳାଷା କରିଛନ୍ତି ଯେ, ସେ ଉକ୍ତ ପବିତ୍ର ଜମାଅତ୍‌କୁ ସଂସାରରେ ପରିବ୍ୟାପ୍ତ କରିବେ । ସେତେବେଳେ ଏହି ଲୋକମାନେ ତୁମମାନଙ୍କୁ ସ୍ୱଳ୍ପ ବୋଲି ଦେଖି ଦୁଃଖ ଦେଇଥାଆନ୍ତି । କିନ୍ତୁ ଯେତବେଳେ ଏହି ଜମାଅତ୍ ବିପୁଳ ସଂଖ୍ୟକ ହୋଇଯିବ ସେତେବେଳେ ଏମାନେ ସମସ୍ତେ ସ୍ୱତଃସ୍ଫୂର୍ତଃ ନୀରବ ହୋଇଯିବେ।

ଯଦି ଅଲ୍ଲାଃତାଲା ଚାହିଁ ଥାଆନ୍ତେ ତେବେ ଏହି ଲୋକମାନେ ଦୁଖ ଦିଅନ୍ତେ ନାହିଁ ଓ ଦୁଃଖ ଦେଉଥିବା ବ୍ୟକ୍ତି ସୃଷ୍ଟି ହୋଇ ନଥାଆନ୍ତେ । କିନ୍ତୁ ଅଲ୍ଲାଃତାଲା ସେମାନଙ୍କ ମାଧ୍ୟମରେ ଧୈର୍ଯ୍ୟର ଶିକ୍ଷା ଦେବାକୁ ଇଚ୍ଛା ପ୍ରକାଶ କିରଛନ୍ତି । କିଛି କାଳ ଧୈର୍ଯ୍ୟ ପ୍ରଦର୍ଶନ କଲା ପରେ ତୁମେମାନେ ଦେଖିବ ଯେ, କିଛି ବି ବିରୋଧ ଆଉ ନାହିଁ । ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ଦୁଃଖ ଦେଇଥାଏ ସେ ତୌବା (କ୍ଷମାମାର୍ଜନା) କରିନେଇଥାଏ କିମ୍ବା ସେ ସମାପ୍ତ ହୋଇଯାଇଥାଏ । ଏପିର ଅନେକ ପତ୍ର ଆସୁଛି ଯେଉଁଥିରେ ବିରୋଧୀମାନେ ଆମକୁ ଗାଳି ଦେଉଥିଲେ ଏବଂ ଏହି ଗାଳି ଦେବାକୁ ସେମାନେ ପୁଣ୍ୟ ବୋଲି ମନେ କରୁଥିଲେ । କିନ୍ତୁ ବର୍ତ୍ତମାନ ସେମାନେ ତୌବା କରୁଛନ୍ତି ଏବଂ ବୈଅତ୍ କରୁଛନ୍ତି । ଧୈର୍ଯ୍ୟ ମଧ୍ୟ ଏକ ପ୍ରକାରର ଉପାସନା ଅଟେ । ଅଲ୍ଲାଃତାଲା କୁହନ୍ତି: ଧୈର୍ଯ୍ୟ ମଧ୍ୟ ଏକ ଉପାସନା ଅଟେ । ଅଲ୍ଲାଃତାଲା କୁହନ୍ତି: ଧୈର୍ଯ୍ୟ ପ୍ରଦର୍ଶନକାରୀଙ୍କୁ ସେହି ପୁଣ୍ୟ ପ୍ରାପ୍ତ ହେବ ଯାହାକୁ କଳନା କରାଯାଇ ପାରିବ ନାହିଁ । ଅର୍ଥାତ୍ ସେମାନଙ୍କୁ ଅସଂଖ୍ୟ ପୁରସ୍କାର ପ୍ରଦାନ କରାଯିବ । ଏହି ପୁଣ୍ୟ କେବଳ ଧୈର୍ଯ୍ୟ ପ୍ରଦର୍ଶନକାରୀଙ୍କ ସକାଶେ ଉଦ୍ଦିଷ୍ଟ ଅଟେ । ଅନ୍ୟ ଉପାସନା ସକାଶେ ଅଲ୍ଲାଃତାଲାଙ୍କର ଏତାଦୃଶ ପ୍ରତିଶ୍ରୁତି ନାହିଁ। ଯେତେବେଳେ ଜଣେ ବ୍ୟକ୍ତି ଅନ୍ୟ ବ୍ୟକ୍ତିର ସମର୍ଥନରେ ଜୀବନ ଅତିବାହିତ କରିଥାଏ, ଯେତେବେଳେ ତା'କୁ ପୀଡ଼ା ଉପରେ ପୀଡ଼ା ଦିଆଯାଏ ସେତେବେଳେ ତ' ଶେଷ ସମର୍ଥନକାରୀଙ୍କୁ ସ୍ୱାଭିମାନ ଆସିଥାଏ ଓ ସେମାନେ ପୀଡ଼ା ଦେଉଥିବା ବ୍ୟକ୍ତିମାନଙ୍କୁ ଧ୍ୱଂସ ବା ବିନାଶ କରିଦେଇଥାଆନ୍ତି । ଏହିପରି ଆମର ଜମାଅତ୍ ଅଲ୍ଲାଃତାଲାଙ୍କ ସମର୍ଥନ ଲାଭ କରୁଅଛି ଓ ଦୁଃଖ କଷ୍ଟ ସହ୍ୟ କରିବା ଫଳରେ ବିଶ୍ୱାସ ଦୃଢୀଭୂତ ହୋଇଯାଇଥାଏ । ଧୈର୍ଯ୍ୟ ପରି ଅନ୍ୟ କୌଣସି ବସ୍ତୁ ନାହିଁ ।

**(ମଲ୍‌ଫୁଜାତ୍, ଭାଗ4-, ପୃ235-234-, ପ୍ରକାଶନ ବର୍ଷ1984- ମସିହା)**

ପୁନଶ୍ଚ ଏକ ଅବସରରେ କିଛି ଲୋକ ବୈଅତ୍ କରିବା ଉଦ୍ଦେଶ୍ୟରେ କାଦିଆନ୍ ଆସିଥିଲେ । ସେମାନଙ୍କୁ ଉପଦେଶ ଦେଇ ଆପଣ ଅ.ସ କୁହନ୍ତି: ଲୋକମାନେ ସାଂସାରିକ ବସ୍ତୁ ଉପରେ ଭରସା ତଥା ନିର୍ଭର କରିଥାଆନ୍ତି । କିନ୍ତୁ ଅଲ୍ଲାଃତାଲା ଏହି କଥା ନିମନ୍ତେ ବାଧ୍ୟ ନୁହନ୍ତି ଯେ, ସେ ସାଧନ ଉପରେ ନିର୍ଭର କରିବେ । ଅଲ୍ଲାଃତାଲା ବେଳେବେଳେ ଏହା ଚାହିଁ ଥାଆନ୍ତି ଯେ, ସେ ନିଜ ପ୍ରିୟତମ ବ୍ୟକ୍ତିମାନଙ୍କ ସକାଶେ ବିନା କୌଣସି ସାଧନରେ ମଧ୍ୟ କାର୍ଯ୍ୟ ସମ୍ପାଦନ କରିଦେଇ ଥାଆନ୍ତି ଓ ବେଳେବେଳେ ସାଧନ ସୃଷ୍ଟି କରି କାର୍ଯ୍ୟ ସମ୍ପାଦନ କରିଦେଇ ଥାଆନ୍ତି । ତ' ଆଉ କେତେବେଳେ ଏପିର ମଧ୍ୟ ହୋଇଥାଏ ଯେ, ପ୍ରସ୍ତୁତ ସାଧନକୁ ମଧ୍ୟ ବିଗାଡ଼ି ଦେଇଥାଆନ୍ତି ।

ଅତଏବ ନିଜର କର୍ମକୁ ସ୍ୱଚ୍ଛ ଓ ନିର୍ମଳ କର, ପ୍ରଭୁଙ୍କର ସର୍ବଦା ନାମ ଭଜ ଓ ଅବହେଳା ପ୍ରଦର୍ଶନ କର ନାହିଁ । ଯେପରିକି ପଳାୟନ କରୁଥିବା ଶିକାର ଯେତେବେଳେ ଟିକିଏ ଥକିଯାଏ ସେତେବେଳେ ଶିକାରୀ ନିୟନ୍ତ୍ରଣରେ ଆସିଯାଇଥାଏ । ସେହିପରି ଅଲ୍ଲାଃତାଲାଙ୍କ ଚର୍ଚ୍ଚାରୁ ଅବଚେତନ ଥିବା ବ୍ୟକ୍ତି ସୈତାନ୍‌ର ଶିକାର ହୋଇଯାଇଥାଏ । ତୌବାକୁ ସର୍ବଦା ଉଜ୍ଜୀବୀତ ରଖ ଓ ଏହାକୁ କେବେ ମରିବାକୁ ଦିଅ ନାହିଁ । ତୌବା ନକରି କେବେ ରୁହ ନାହିଁ । ସର୍ବଦା ତୌବା କରୁଥାଅ । କାରଣ ଯେଉଁ ଅଙ୍ଗ ଦ୍ୱାରା କାର୍ଯ୍ୟ ସମ୍ପାଦନ କରାଯାଏ ସେହି ଅଙ୍ଗ ହିଁ କାମ ଦେଇପାରିବ ଓ ଯେଉଁ ଅଙ୍ଗକୁ ବୃଥା ରୂପେ ପରିତ୍ୟାଗ କରିଦିଆଯାଏ ତେବେ ତାହା ସବୁଦିନ ପାଇଁ ଅଯୋଗ୍ୟ, ଅକର୍ମଣ୍ୟ ଏବଂ ବେକାର ହୋଇଯାଇଥାଏ । ଏହିପରି ଭାବରେ ତୌବାକୁ ମଧ୍ୟ ସକ୍ରିୟ ରଖ । କାରଣ

## ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

ତାଲିବେ ଦୁଆ: Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 25 JANUARY 2024 Issue No.-4

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ତାହା ଯେପରି ଅଯୋଗ୍ୟ ହୋଇ ନଯାଉ ।

ତୁମେ ଯଦି ପ୍ରକୃତ ତୌବା କର ନାହିଁ ତେବେ ତାହା ସେହି ବୀଜ ପରି ଅଟେ ଯାହାକୁ ପଥର ଉପରେ ବପନ କରାଯାଇଥାଏ । ପୁନଶ୍ଚ ଯଦି ତାହା ପ୍ରକୃତ ତୌବା ଅଟେ ତେବେ ତାହା ସେହି ବୀଜ ପରି ଯାହାକି ସର୍ବୋତ୍ତମ ଭୂମିରେ ବପନ କରାଯାଇଛି ଓ ତହିଁରେ ଯଥା ସମୟରେ ଫଳ ଲାଗିଥାଏ । ଆଜି କାଲି ଏହି ତୌବାରେ ବଡ଼ ବଡ଼ ସମସ୍ୟା ତଥା ସଂକଟମାନେ ଛିଡ଼ା ହୋଇଛି । ଅର୍ଥାତ୍ ସେହି ନବ ଦୀକ୍ଷିତମାନଙ୍କୁ ଆପଣ ଅ.ସ କୁହନ୍ତି: "ବର୍ତ୍ତମାନ ତୁମେମାନେ ଏଠାରୁ ଯିବା ପରେ ତୁମମାନଙ୍କୁ ଅନେକ କିଛି ଶୁଣିବାକୁ ପଡ଼ିବ ଓ ଲୋକମାନେ କ'ଣ କ'ଣ କଥା ଗଢ଼ିବେ ଯେ, ତୁମେ ଏକ କୁଷ୍ଟ, ଅବଜ୍ଞାକାରୀ, ପ୍ରବଞ୍ଚକ, ମାୟାବୀ ବ୍ୟକ୍ତିର ବୈଅତ୍ କରିଅଛ ।" ସେମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ ଗାଳି ଦେବେ। ଏପରି କଥା କହୁଥିବା ବ୍ୟକ୍ତିମାନଙ୍କ ସମ୍ମୁଖରେ ଉତ୍ସାହ ଏବଂ ଭାବପ୍ରବଣତା କଦାପି ପ୍ରଦର୍ଶନ କରିବ ନାହିଁ । କାରଣ ଆମେମାନେ (ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ କହୁଛନ୍ତି) ତ' ଅଲ୍ଲାଃତାଲା ପକ୍ଷରୁ ଧୈର୍ଯ୍ୟ ପ୍ରଦର୍ଶନ କରିବା ନିମନ୍ତେ ନିୟୋଜିତ ଏବଂ ନିଯୁକ୍ତ ହୋଇଅଛୁ ।"

ଅତଏବ୍ ଉକ୍ତ କଥାଗୁଡ଼ିକ ଆମମାନଙ୍କୁ ସର୍ବଦା ସ୍ମରଣ ରଖିବା ଉଚିତ୍ । ତେଣୁ ଆପଣ ଅ.ସ କୁହନ୍ତି: "ତୁମମାନଙ୍କ ପକ୍ଷେ ଏହା ଉଚିତ୍ ଯେ, ତୁମେମାନେ ସେମାନଙ୍କ ପାଇଁ ଦୁଆ କର । କାରଣ ଅଲ୍ଲାଃତାଲା ସେମାନଙ୍କୁ ସତ୍‌ମାର୍ଗ ପ୍ରଦାନ କରନ୍ତୁ ।" ହ. ମସିହ୍ ମଉଦ୍ ଅ.ସ ଯେଉଁ କାର୍ଯ୍ୟ ସକାଶେ ନିଯୁକ୍ତ ଓ ପ୍ରେରିତ ହୋଇଥିଲେ ତାହା ଧୈର୍ଯ୍ୟ ଅଟେ । ସୁତରାଂ ଆମମାନଙ୍କର ମଧ୍ୟ ସଫଳତା ତହିଁରେ ହିଁ ନିହିତ ରହିଛି ଯେ, ଆମେମାନେ ଆପଣ ଅ.ସଙ୍କ ପଦାଙ୍କ ଅନୁସରଣ କରି ଆଗକୁ ଅଗ୍ରସର ହେବୁ । ଆପଣ ଅ.ସ କୁହନ୍ତି: "ଆମର ବିଜୟୀ ହେବାର ଅସ୍ତ୍ର ଇସ୍ତିଗ୍‌ଫାରଓ ତୌବା (ଅନୁତପ୍ତ ହୋଇ ଅଲ୍ଲାଃତାଲାଙ୍କ ନିକଟରେ କ୍ଷମା ପ୍ରାର୍ଥୀ ହେବା) ଅଟେ । ପ୍ରତିକ୍ରିୟା ପ୍ରଦର୍ଶନ ନୁହେଁ । ବରଂ ଆମମାନଙ୍କର ବିଜୟୀଭବ ହେବାର ଅସ୍ତ୍ର ତୌବା ଓ ଇସ୍ତିଗ୍‌ଫାର, ସାଂସାରିକ ଜ୍ଞାନ ସହିତ ଅବହିତ ହେବା, ପ୍ରଭୁଙ୍କର ମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ପାଞ୍ଚବେଳା ନମାଜ ପାଠ କରିବା ଇତ୍ୟାଦି ଇତ୍ୟାଦି । ନମାଜ ହେଉଛି ସଫଳତାର କୁଞ୍ଜିକା । ତୁମେମାନେ ଯେତେବେଳେ ନମାଜ ପାଠ କର ସେତେବେଳେ ତୁମେମାନେ ନମାଜରେ ଦୁଆ (ପ୍ରାର୍ଥନା) କର ଓ ଦୁଆ କରିବାରେ କେବେ ବି ଅବହେଳା ତଥା ଆଳସ୍ୟତା ପ୍ରଦର୍ଶନ କର ନାହିଁ । ପ୍ରତ୍ୟେକ ପାପରୁ ସେ ପଛେ ଈଶ୍ୱରଙ୍କ ଅଧିକାର ସଂପର୍କିତ ହେଉ ଅବା ଭକ୍ତଙ୍କ ଅଧିକାର ସଂପର୍କିତ ହେଉ । ତହିଁରେ ଅବହେଳା କରିବାରୁ ସର୍ବଦା ବର୍ତ୍ତିବା ଉଚିତ୍ ତଥା ମନ୍ଦ କର୍ମ ଓ ପାପରୁ ସର୍ବଦା ନିବୃତ୍ତ ରହିବା ଉଚିତ୍ ।"

**(ମଲ୍‌ଫୁଜାତ୍ ଭାଗ5-, ପୃ303-, ପ୍ରକାଶନ ବର୍ଷ 1984- ମସିହା)**

ସୁତରାଂ ଏହା ହେଉଛି ସେହି ଉପଦେଶ ଯାହାକି ଆମମାନଙ୍କର ସଫଳତା ଓ ଉନ୍ନତିର ମୂଳଦୁଆ ଅଟେ । ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀ ଅନୁଯାୟୀ ଯଦି ଆମେମାନେ ସଠିକ୍ ଭାବରେ ଇସ୍ତିଗଫାର୍, ତୌବା, ଧାର୍ମିକ ଜ୍ଞାନ ଦ୍ୱାରା ଅବଗତ ଓ ପାଞ୍ଚବେଳା ନମାଜ ଆଡ଼କୁ ଧ୍ୟାନ ଦେଉଥିବୁ ତାହାହେଲେ ଆମେମାନେ ଅବଶ୍ୟ ସାଫଲ୍ୟମଣ୍ଡିତ ହେବୁ । ଶତ୍ରୁ ଯେତେ କୋଳାହଳ, ପାଟିତୁଣ୍ଡରେ ଅଗ୍ରଗତି କରୁଛି ଆମମାନଙ୍କୁ ସେତିକି ଅଲ୍ଲାଃତାଲାଙ୍କ ଆଡ଼କୁ ଅଧିକ ଆନତ ହେବାକୁ ହେବ । ଏହା ହିଁ ଆମ ସଫଳତାର ରହସ୍ୟ ଅଟେ । ହ. ମସିହ୍ ମଉଦ୍ ଅ.ସ ତତ୍‌ସଂପର୍କରେ ବାରମ୍ବାର ଆମମମାନଙ୍କୁ ଅନୁପ୍ରାଣିତ କରିଛନ୍ତି । ନା କି କୌଣସି ବ୍ୟକ୍ତିକୁ ପ୍ରତିକ୍ରିୟା ପ୍ରଦର୍ଶନ କରିବାକୁ ଅନୁପ୍ରାଣିତ କରିଛନ୍ତି ? ସେ ଯାହେ ହେଉ ଆମମାନଙ୍କର ସଫଳତା ଅବଶ୍ୟାମ୍ଭୀ ନିୟତିକୃତ ହୋଇଛି । ଯେପରିକି ଆପଣ ଅ.ସ କହିଲେ, **ଇନ୍‌ଶାଅଲ୍ଲାଃ** ଆମେମାନେ ବିଜୟ ବିମଣ୍ଡିତ ହେବୁ ।

ହିଁ ଏକଥା ସର୍ବଦା ସ୍ମରଣ ରଖିବା ଉଚିତ୍ ଯେ, ହିକ୍‌ମତ୍ (ବ୍ରହ୍ମଜ୍ଞାନ) ଦ୍ୱାରା ଆମେମାନେ ନିଜର କାର୍ଯ୍ୟକୁ ଅବ୍ୟାହତ ରଖିବୁ । ଏପରି ଅନେକ କାର୍ଯ୍ୟ ରହିଛି ଯାହାକି ହିକ୍‌ମତ୍ ଦ୍ୱାରା ସମ୍ପାଦିତ ହୋଇଥାଏ । ତେଣୁ ହିକ୍‌ମତ୍ ଅବଲମ୍ବନ ମଧ୍ୟ କରିବା ଏକାନ୍ତ ବାଞ୍ଛନୀୟ ଅଟେ । ଯଦି ପ୍ରତ୍ୟେକ ଅହେମଦି ନିଜ ନିଜ ର କର୍ତ୍ତବ୍ୟକୁ ବୁଝିନିଅନ୍ତି ତେବେ ଅନେକ ସମସ୍ୟାର ସମାଧାନ ଆମମାନଙ୍କର ଆଚରଣ ଓ ଦୁଆ ଦ୍ୱାରା ବାହାରି ପାରିବ । ଅଲ୍ଲାଃତାଲା ଆମମାନଙ୍କୁ ଧୈର୍ଯ୍ୟପ୍ରଦାନ କରନ୍ତୁ, ଦୁଆ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ, ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବା ନିମନ୍ତେ ସେହି କଥାଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

◻ ◻ ◻

## ପୃ2-ର ଅବଶିଷ୍ଟାଂଶ.........

ସମ୍ମାନନୀୟ ହଫିଜ୍ ବିନ୍ ସାଲେହ୍ ସାହେବ, ଇଣ୍ଡୋନିସାଆର ଉମୁରେ ଖାର୍ଜାର ମୁଖ୍ୟ ସଚିବ ସମ୍ମାନନୀୟ ସୁନାର୍ଟୋ ସାହେବ, ବାଂଲାଦେଶର ସମ୍ମାନନୀୟ ମୌଲାନା ସାଲେହ୍ ଅହେମଦ୍ ସାହେବ । ଉକ୍ତ ଇଜ୍‌ଲାସର ତୃତୀୟ ଭାଷଣ ଏଡ଼ିଶ୍‌ନାଲ୍ ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ନୁରୁଲ୍ ଇସ୍‌ଲାମ୍ କାଦିଆନ୍‌ର ସମ୍ମାନନୀୟ ତାରିକ୍ ଅହେମଦ ସାହେବ ପ୍ରଦାନ କଲେ । ମହୋଦୟ **"ଆନ୍ତର୍ଜାତିକ ଧ୍ୱଂସ ସଂକ୍ରାନ୍ତରେ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ସତର୍କ ସୂଚନା ଏବଂ ସହାନୁଭୂତିପୂର୍ଣ୍ଣ ଉପଦେଶ ତଥା ଜମାଅତ୍ ଅହେମଦିୟାର ଦାୟିତ୍ୱାବଳୀ"** ବିଷୟବସ୍ତୁ ଉପରେ ଭାଷଣ ପ୍ରଦାନ କଲେ ।

### ଦ୍ୱିତୀୟ ଦିନ ଦ୍ୱିତୀୟ ସତ୍ରର ଜଲ୍‌ସା

ଦ୍ୱିତୀୟ ଦିନ ଦ୍ୱିତୀୟ ସତ୍ରର ଇଜ୍‌ଲାସ୍‌ର ସଭାପତିତ୍ୱ ସଦର ମଜ୍‌ଲିସ୍ ୱକ୍‌ଫେ ଜଦିଦ୍ କାଦିଆନ୍‌ର ସମ୍ମାନନୀୟ ତନ୍‌ୱିର୍ ଅହେମଦ୍ ସାହେବ କଲେ । କାଶ୍ମୀରର ସମ୍ମାନନୀୟ ତାରିକ୍ ଅହେମଦ ଲୋନ୍ ସାହେବ ସୁରତୁଲ୍ ହୁଜରାତ୍‌ର ଆୟତ୍ ନଂ 12 ଓ 14ର ତିଲାୱତ୍ କଲେ । ଏହାର ଉର୍ଦ୍ଦୁ ଅନୁବାଦ ସମ୍ମାନନୀୟ ନାସିରୁଦ୍ଦୀନ୍ ସାହେବ ସଦର୍ ଉମୁମି ଲୋକାଲ୍ ଅଞ୍ଜୁମନ୍ ଅହେମଦିୟା କାଦିଆନ୍ ଶୁଣାଇଲେ। ସମ୍ମାନନୀୟ ମୁର୍ଶିଦ୍ ଅହେମଦ୍ ଡାର ଓ ତାଙ୍କର ଗାୟକଦଳ ତରାନା (ସଂଗୀତ) ପରିବେଷଣ କଲେ ।

ଦାୱତ୍ ଇଲଲ୍ଲାଃ ଶୁମାଲୀ (ଉତ୍ତର ଭାରତ)ର ନାଏବ୍ ନାଜିର୍ ସମ୍ମାନନୀୟ ତନ୍‌ୱିର ଅହେମଦ ସାହେବ ଖାଦିମ୍ **"ମାନବ ଜାତି ପ୍ରତି ସହାନୁଭୂତି"** ବିଷୟବସ୍ତୁ ଉପରେ ପଞ୍ଜାବୀ ଭାଷାରେ ଭାଷଣ ଦେଲେ । ପୁନଶ୍ଚ ଦ୍ୱିତୀୟ ଦିନ ଦ୍ୱିତୀୟ ସତ୍ରର ଇଜ୍‌ଲାସ୍ ଜଲସା ପେଶ୍‌ୱାୟାନେ ମଜାହିବ୍ ରୂପେ ପାଳନ କରାଯାଇଥାଏ। ଏଥି ନିମନ୍ତେ ଉକ୍ତ ଜଲ୍‌ସାରେ ବିଭିନ୍ନ ଧର୍ମର ବିଭିନ୍ନ ଧର୍ମଗୁରୁ ତଥା ସାଧୁ ସନ୍ଥ ଏବଂ ପଣ୍ଡିତ ଓ ପାଦ୍ରୀମାନଙ୍କୁ ଆମନ୍ତ୍ରିତ କରାଯାଇଥାଏ । ଏମାନଙ୍କ ବ୍ୟତୀତ ରାଜନୈତିକ ନେତୃବୃନ୍ଦ ମଧ୍ୟ ଉକ୍ତ ଜଲ୍‌ସାରେ ଅଂଶଗ୍ରହଣ କରିଥାଆନ୍ତି । ସେମାନେ ଜଲ୍‌ସା ଏବଂ ଜମାଅତ୍ ଅହେମଦିୟାର ଶିକ୍ଷା ପ୍ରତି ନିଜ ପୁଣ୍ୟାତ୍ମକ ସୁବିଚାରଧାର ବ୍ୟକ୍ତ କରିଥାଆନ୍ତି । ସମ୍ମାନନୀୟ ତନ୍‌ୱିର୍ ଅହେମଦ୍ ସାହେବ ଖାଦିମ୍ ନାଏବ୍ ନାଜିର୍ ଦାୱତ୍ ଇଲଲ୍ଲାଃ ଜଣ ଜଣ କରି ଅତିଥିମାନଙ୍କର ପରିଚୟ ପ୍ରଦାନ କଲେ ଓ ସେମାନଙ୍କୁ ନିଜର ବିଚାରଧାର ବ୍ୟକ୍ତ କରିବା ନିମନ୍ତେ ଅନୁରୋଧ କଲେ । ସେହି ଅତିଥିମାନଙ୍କର ନାମଗୁଡ଼ିକ ନିମ୍ନମତେ ପ୍ରଦାନ କରାଯାଇପାରେ ଯଥା- ଅବିନାଶ ଖନ୍ନା ସାହେବ ପୂର୍ବତନ ସାଂସଦ ଓ ବରିଷ୍ଠ ବି.ଜେ.ପି ନେତା କୁଲଦୀପ୍ ଧାଲିୱାଲ୍ ସାହେବ । ମହୋଦୟ ପଞ୍ଜାବ ପ୍ରଦେଶର ଏନ୍. ଆର୍ ଆଇ. ମନ୍ତ୍ରାଳୟର ମନ୍ତ୍ରୀ ଅଟନ୍ତି, ଜଗରୁପ୍ ସିଂହ ସେଖୁୱାଁ ସାହେବ। ମହୋଦୟ ଗୁରଦାସପୁର୍ ଜିଲ୍ଲାର ଆମ ଆଦମି ପାର୍ଟିର ଇନ୍‌ଚାର୍ଜ ଅଟନ୍ତି । ସମ୍ମାନନୀୟ ସୋମନ୍ତ ରାଏ ସାହେବ ଫାଦର୍ ବିଶପ୍ ନର୍ଥ ଇଣ୍ଡିଆ ଅମୃତସର, ଫତହ୍ ଜଙ୍ଗ୍ ସିଂହ ବାଜ୍‌ୱା କାଦିଆନ୍‌ର ବିଧାୟକ ଖୁଶହାଲ୍ ବହଲ୍ ସାହେବ ସୁପୁତ୍ର ରମନ ବହଲ୍ ସାହେବ । ମହୋଦୟ ପଞ୍ଜାବ ପ୍ରଦେଶର ସ୍ୱାସ୍ଥ୍ୟ ବିଭାଗର ସଭାପତି ଅଟନ୍ତି । **(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ...........)**

## ଇବଲିସ୍ କେଉଁମାନେ ?

ଯେ ଅଲ୍ଲାଃଙ୍କ କୃପା ଲାଭରୁ ନିରାଶ ହୋଇଯାଏ, ଯେ ପରୋପକାର କରିବାକୁ ଅନିଚ୍ଛୁକ, ଯେ ନିଜର ସମସ୍ୟା ସମାଧାନ କରିବାକୁ ଅସମର୍ଥ, ଯେ ସଫଳତାର ମାର୍ଗ ଦେଖିପାରନ୍ତି ନାହିଁ, ଯାହାର ମନୋବାଳ ଭାଙ୍ଗି ପଡ଼ିଥାଏ, ଯାହାର ଧୈର୍ଯ୍ୟଚ୍ୟୁତ ଘଟିଥାଏ ଏବଂ ଯେ ସର୍ବଦା ବିବ୍ରତ ରହିଥାଏ । ◻ ◻ ◻

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan